Bhubaneswar, Friday, August 28, 2026
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୮, ୨୦୨୬
Vol-01, Issue-119
ବର୍ଷ-୦୧, ସଂଖ୍ୟା -୧୧୯

www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
«ଯୋଗାଯୋଗ»
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

# ଗୋଳାବନ୍ଧର ଅଧିବାସୀଙ୍କ ସଂଘର୍ଷ ଓ ତ୍ୟାଗ ଅସୀମ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ୨୭/୦୮ : ଦୀର୍ଘ ବର୍ଷର ଅପେକ୍ଷା ଓ ସଂଘର୍ଷ ପରେ ଗୋଳାବନ୍ଧର ନୋଳିଆ ବିସ୍ଥାପିତ ପରିବାରଙ୍କୁ ମିଳିଛି ବଡ ଆଶ୍ୱାସନା। ଗଞ୍ଜାମ ଜିଲ୍ଲା ଗୋଳାବନ୍ଧଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗୋଳାବନ୍ଧର ୧,୩୭୧ଟି ବିସ୍ଥାପିତ ପରିବାର ପାଇଁ ୭୫ କୋଟି ୬୦ ଲକ୍ଷ ୩୦ ହଜାର ଟଙ୍କାର ଏକ ସ୍ୱତନ୍ତ୍ର ପୁନର୍ବାସ ଓ ଥଇଥାନ ପ୍ୟାକେଜ୍ ଘୋଷଣା କରିବା ସହ ଏହାର ଶୁଭାରମ୍ଭ କରିଛନ୍ତି। ଏହା ସହିତ ଛେଲିଗଡ ମଧ୍ୟମ ଜଳସେଚନ ପ୍ରକଳ୍ପର ବିସ୍ଥାପିତ ୧୧୨ଟି ପରିବାରଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୬ଟି ପରିବାରକୁ ଘରବାରୀ ଓ ଚାଷଜମିର ପଟ୍ଟା ବଂଟନ କରାଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ଗୋଳାବନ୍ଧର ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ବାନ୍ଧି ଭାବବିହ୍ୱଳ ପରିବେଶ ମଧ୍ୟରେ ସ୍ୱାଗତ ଜଣାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମଂଚ ଉପରେ ନିଜ ହାତରେ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗୋଳାବନ୍ଧର ଅଧିବାସୀଙ୍କ ସଂଘର୍ଷ ଓ ତ୍ୟାଗ ଅସୀମ। ୧୯୮୪ ମସିହାରେ ଆର୍ମୀ ଏୟାର ଡିଫେନ୍ସ କଲେଜ ପାଇଁ ଜମି ହସ୍ତାନ୍ତର ପରଠାରୁ ଦୀର୍ଘ ୪ଦଶନ୍ଧି ଧରି ଅଣଦେଖା ହୋଇ ରହିଥିବା ଏହି ସମସ୍ୟାର ଆମ ସରକାର ସ୍ଥାୟୀ ସମାଧାନ କରିଛନ୍ତି। ବିଗତ ୨୪ବର୍ଷର ଶାସନ କାଳରେ ଗଞ୍ଜାମ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ନେତୃତ୍ୱ ନୋଳିଆ ପରିବାରଙ୍କ ସ୍ୱରକୁ ଚାପି ରଖିଥିବା ବେଳେ, 'ଡବଲ ଇଞ୍ଜିନ' ସରକାର ଆସିବା ପରେ ଏହି ସମସ୍ୟାକୁ ପ୍ରାଥମିକତା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଘୋଷିତ ସ୍ୱତନ୍ତ୍ର ପ୍ୟାକେଜ୍ ଅଧୀନରେ ୧,୩୭୧ ଟି ଯୋଗ୍ୟ ପରିବାରକୁ ଆର୍ଥିକ ସ୍ୱାବଲମ୍ବନ ପାଇଁ ପରିବାର ପିଛା ୫ଲକ୍ଷ ଟଙ୍କା ଲେଖାଏଁ ମୋଟ ୬୮.୫୫ କୋଟି ଟଙ୍କାର ଏକକାଳୀନ କ୍ଷତିପୂରଣ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଘର ନିର୍ମାଣ ସହାୟତା ବାବଦରେ ୪କୋଟି ୨୫ଲକ୍ଷ ୧୦ ହଜାର ଟଙ୍କା ଆବଟଂନ କରାଯାଇଛି, ଯେଉଁଥିରେ ୯୧୮ଟି ଅସମ୍ପୂର୍ଣ୍ଣ ଗୃହକୁ ସମ୍ପୂର୍ଣ୍ଣ କରାଯିବା ସହ ୧୦ଟି ନୂତନ ଘର ନିର୍ମାଣ ହେବ। ଏହା ବ୍ୟତୀତ ନୂଆ କୀର୍ତିପୁର କଲୋନୀର ରାସ୍ତା, ଷ୍ଟ୍ରିଟ ଲାଇଟ୍, ଅଙ୍ଗନବାଡ଼ି, ମାର୍କେଟ କମ୍ପ୍ଲେକ୍ସ, ପବ୍ଲିକ ବିକାଶ ପାଇଁ ୨.୮୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଛେଲିଗଡ ପ୍ରକଳ୍ପର ବିସ୍ଥାପିତଙ୍କୁ ଦିଗପହଣ୍ଡିର ସାନ୍ତରାପୁରଠାରେ ଥଇଥାନ କରାଯାଇ ୧୧୨ ପରିବାରକୁ ୧୦ ଡିସିମିଲ୍ ଘରବାରି ଓ ୨ ଏକର ଲେଖାଏଁ ଚାଷଜମି ଯୋଗାଇ ଦିଆଯାଉଛି। ଆଜି ଏମାନଙ୍କ ମଧ୍ୟରୁ ୯୬ ପରିବାରକୁ ପଟ୍ଟା ଦିଆଗଲା। ଅନ୍ୟ ସମସ୍ତଙ୍କୁ ଖୁବ୍ ଶୀଘ୍ର ପଟ୍ଟା ଦିଆଯିବ। ଆସନ୍ତା ବର୍ଷ ଶେଷ ସୁଦ୍ଧା ଛେଲିଗଡ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଗଞ୍ଜାମ ଓ ଗଜପତି ଜିଲ୍ଲାର ୬ ହଜାର ହେକ୍ଟରରୁ ଅଧିକ ଜମି ଜଳସେଚିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଗଞ୍ଜାମ ଜିଲ୍ଲାର ସାମଗ୍ରିକ ବିକାଶ ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ ବ୍ଲୁ-ଇକୋନୋମି, ଅର୍ଜିପଲ୍ଲୀ ଫିସିଙ୍ଗ ବନ୍ଦର ନବୀକରଣ, ୨୮ଟି ଫିସ୍ ଲ୍ୟାଣ୍ଡିଂ ସେଂଟର, ଗୋପାଳପୁର ବନ୍ଦର ସମ୍ପ୍ରସାରଣ ଏବଂ ବାହୁଦାଠାରେ ୨୧,୫୦୦ କୋଟି ଟଙ୍କାର ନୂତନ ବୃହତ ବନ୍ଦର ନିର୍ମାଣ ଯୋଜନା ବିଷୟରେ ସୂଚନା ଦେଇଛନ୍ତି। ଗୋପାଳପୁର ଶିଳ୍ପ ପାର୍କରେ ୪୦ ହଜାର କୋଟିରୁ ଅଧିକ ନିବେଶ ମାଧ୍ୟମରେ ୧୮ ହଜାରରୁ ଉର୍ଦ୍ଧ୍ୱ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ରାଜ୍ୟରେ ଆଗାମୀ ଦୁଇ ବର୍ଷରେ ୫ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଥିବାରୁ ଯୁବଗୋଷ୍ଠୀଙ୍କୁ ନିଜକୁ ଦକ୍ଷ ଓ ପ୍ରଶିକ୍ଷିତ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ବିରୋଧୀମାନେ ଦୀର୍ଘ ୨୪ବର୍ଷ ଧରି ଗଞ୍ଜାମକୁ ନିଜର ଅଭେଦ୍ୟ ଦୁର୍ଗ ଭାବି କେବଳ ରାଜନୀତି କରିଛନ୍ତି, କିନ୍ତୁ ବିସ୍ଥାପିତଙ୍କ ଦୁଃଖ ବୁଝିନାହାନ୍ତି। ଏହି ଜିଲ୍ଲା ରାଜ୍ୟକୁ ୫ଥର ମୁଖ୍ୟମନ୍ତ୍ରୀ ଦେଇଥିଲେ ସୁଦ୍ଧା ଗରିବ ନୋଳିଆଙ୍କ ସ୍ୱର କ୍ଷମତାର ଅଳିନ୍ଦ ପାଖରେ ପହଂଚିପାରି ନଥିଲା। ବର୍ଷ ବର୍ଷ ଧରି ଫାଇଲ୍ ତଳେ ଗୋଳାବନ୍ଧର ଭବିଷ୍ୟତ ଚାପି ହୋଇରହିଥିଲା। କିନ୍ତୁ ଆମ 'ଡବଲ ଇଞ୍ଜିନ' ସରକାର କେବଳ ଭାଷଣ କିମ୍ବା ପ୍ରତିଶ୍ରୁତି ନଦେଇ, ପ୍ରତ୍ୟେକ ବିସ୍ଥପିତ ପରିବାରକୁ ସ୍ଥାୟୀ ଓ ସୁରକ୍ଷିତ ଅଧିକାର ଦେବାକୁ କାର୍ଯ୍ୟ କରିଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଜାରୀ ନିଜ ଅଭିଭାଷଣରେ କହିଥିଲେ ଯେ, ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଦୀର୍ଘ ବର୍ଷ ଧରି ଅଟକି ରହିଥିବା ଏହି ପୁନର୍ବାସ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ଧ୍ୟାନ ଦେଇଛି। ଗୋଳାବନ୍ଧ ଓ ଛେଲିଗଡର ବିସ୍ଥାପିତଙ୍କୁ ଯଥାଶୀଘ୍ର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ଏବଂ ଜମି ପଟ୍ଟା ପ୍ରଦାନ ପ୍ରକ୍ରିୟାରେ କୌଣସି ପ୍ରକାର ବିଳମ୍ବ ସହ୍ୟ କରାଯିବ ନାହିଁ। ଖଣି ଓ ଇସ୍ପାତ ମନ୍ତ୍ରୀ ଶ୍ରୀଯୁକ୍ତ ବିଭୁତି ଭୂଷଣ ଜେନା ପ୍ରକାଶ କରିଥିଲେ ଯେ, ଗୋପାଳପୁର ଶିଳ୍ପ ପାର୍କରେ ୧୪ଟି ପ୍ରକଳ୍ପ ମାଧ୍ୟମରେ ୪୦ ହଜାର କୋଟିରୁ ଅଧିକ ଟଙ୍କାର ନିବେଶ ହେବାକୁ ଯାଉଛି, ଯାହା ୧୮ ହଜାରରୁ ଉର୍ଦ୍ଧ୍ୱ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ବାହୁଦାଠାରେ ୨୧,୫୦୦ କୋଟି ଟଙ୍କାରେ ମେଗା ବନ୍ଦର ନିର୍ମାଣ ଗଞ୍ଜାମର ବାଣିଜ୍ୟିକ ନକ୍ସାକୁ ବଦଳାଇ ଦେବ। ସେହିପରି ଗଝଗର, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ସାମୁଦ୍ରିକ ଅର୍ଥନୀତିର ବିକାଶ ପାଇଁ ଅର୍ଜିପଲ୍ଲୀ ଫିସିଙ୍ଗ ବନ୍ଦରର ନବୀକରଣ ସହ ୨୮ଟି ନୂତନ ଫିସ୍ ଲ୍ୟାଣ୍ଡିଂ ସେଂଟର ପ୍ରତିଷ୍ଠା କରାଯାଇଛି। ଗଝଗର ମାଧ୍ୟମରେ ସ୍ଥାନୀୟ ମହିଳା ଓ ଯୁବକମାନଙ୍କୁ ସ୍ୱାବଲମ୍ବୀ କରିବାକୁ ନୂତନ ଯୋଜନା କାର୍ଯ୍ୟକାରୀ ହେଉଛି। ଏଡି ଆୟୋଜିତ ସମାରୋହରେ ଆସିଲା ସାଂସଦ ଶ୍ରୀମତୀ ଅନୀତା ଶୁଭଦର୍ଶିନୀ, ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ବିଧାୟକ ଶ୍ରୀଯୁକ୍ତ ସରୋଜ କୁମାର ପାଢୀ, ଦିଗପହଣ୍ଡି ବିଧାୟକ ଶ୍ରୀଯୁକ୍ତ ସିଦ୍ଧାନ୍ତ ମହାପାତ୍ର, ସାନଖେମୁଣ୍ଡି ବିଧାୟକ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଜେନା, ଭଞ୍ଜନଗର ବିଧାୟକ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ନାୟକ, ସୋରଡା ବିଧାୟକ ଶ୍ରୀଯୁକ୍ତ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ ଶ୍ରୀଯୁକ୍ତ କେ. ଅନିଲ କୁମାର, ଚିକିଟି ବିଧାୟକ ଶ୍ରୀଯୁକ୍ତ ମନୋରଂଜନ ଧ୍ୟାନ ସାମନ୍ତରା, ଛତ୍ରପୁର ବିଧାୟକ ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ନାୟକ, ପାରଳାଖେମୁଣ୍ଡି ବିଧାୟକ ଶ୍ରୀଯୁକ୍ତ ରୂପେଶ କୁମାର ପାଣିଗ୍ରାହୀ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢୀ ଓ ଦକ୍ଷିଣାଚଂଳ ଜଉଡ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଶ୍ରୀଯୁକ୍ତ ଭି.କୀର୍ତି ଭାସନ୍ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



## ୨୦୪୭ ସୁଦ୍ଧା ପ୍ରତ୍ୟେକ କ୍ଷେତ୍ରରେ ଭାରତକୁ ବିଶ୍ୱର ଏକ ନମ୍ବର ଦେଶ କରିବା ଲକ୍ଷ୍ୟ: ଅମିତ ଶାହ

ନୂଆଦିଲ୍ଲୀ, ୨୭/୮ (ପିଆଇବି): କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ଗୁଜରାଟର ଅହମଦାବାଦ ଠାରେ ଟ୍ରୋଇକା ଫାର୍ମାସ୍ୟୁଟିକାଲ୍ସ ପକ୍ଷରୁ ଆୟୋଜିତ ଔଷଧ ଶିଳ୍ପ ନବସୃଜନ ପୁରସ୍କାର ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜ ଅଭିଭାଷଣରେ ଶ୍ରୀ ଅମିତ ଶାହ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଶ ସମ୍ମୁଖରେ ଏକ ବଡ଼ ଲକ୍ଷ୍ୟ ରଖିଛନ୍ତି। ଭାରତ ସ୍ୱାଧୀନତାର ଶତବର୍ଷ ପାଳନ କରିବା ବେଳକୁ ପ୍ରତ୍ୟେକ କ୍ଷେତ୍ରରେ ଭାରତ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିବା ଉଚିତ। ଭାରତ ସୁରକ୍ଷିତ, ଶିକ୍ଷିତ ଓ ବିକଶିତ ହେବା ସହିତ ନିଜ ସଭ୍ୟତା ଓ ସାଂସ୍କୃତିକ ମୂଲ୍ୟବୋଧକୁ ସୁରକ୍ଷିତ ରଖି ବିଶ୍ୱର ଅଗ୍ରଣୀ ଅର୍ଥନୀତି ମଧ୍ୟରେ ନିଜର ଶୀର୍ଷ ସ୍ଥାନ ସୁଦୃଢ଼ କରିବାକୁ ହେବ। ଏହି ଲକ୍ଷ୍ୟ ହାସଲ କରିବାର ସାମର୍ଥ୍ୟ ଭାରତର ରହିଛି। ଏହି ସାମର୍ଥ୍ୟକୁ ସଠିକ୍ ଦିଗରେ ବ୍ୟବହାର କରିବା, ସେହି ଅନୁଯାୟୀ ନୀତି ପ୍ରସ୍ତୁତ କରିବା ଏବଂ କାର୍ଯ୍ୟକାରିତା ଦୃଷ୍ଟିରୁ ନୀତିର ଲାଭକୁ ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ଆବଶ୍ୟକ। ଶ୍ରୀ ଶାହ କହିଥିଲେ ଯେ ୨୦୧୪ରେ ଶ୍ରୀ ନରେନ୍ଦ୍ର ମୋଦୀ ଦେଶର ପ୍ରଧାନମନ୍ତ୍ରୀ ହେବା ସମୟରେ ଭାରତ ବିଶ୍ୱର ଏକାଦଶ ବୃହତ୍ତମ ଅର୍ଥନୀତି ଥିଲା ଏବଂ ଗତ ୧୨ ବର୍ଷ ମଧ୍ୟରେ ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। କୋଭିଡ୍ ମହାମାରୀ ସଙ୍କଟ ଭାରତ ସମଗ୍ର ବିଶ୍ୱରେ ସବୁଠାରୁ ଉତ୍ତମ ଭାବେ ମହାମାରୀର ମୁକାବିଲା କରିଥିବା ପ୍ରମାଣ କରିଛି ବୋଲି ଶ୍ରୀ ଶାହ କହିଥିଲେ। ବିଶ୍ୱର ବିଭିନ୍ନ ସରକାର ମହାମାରୀ ସହ ଲଢୁଥିବା ସମୟରେ ଭାରତରେ ଜନସାଧାରଣ, ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମିଳିତ ଭାବେ ଏହାର ମୁକାବିଲା କରିଥିଲେ। କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ ଯେ ଭାରତର ଯୁବପିଢ଼ି ଆମେରିକା ତୁଳନାରେ ୨୨ ଗୁଣ କମ୍ ଖର୍ଚ୍ଚରେ ଏକ ଘରୋଇ ଉପଗ୍ରହ ନିର୍ମାଣ କରି ମହାକାଶକୁ ପଠାଇଛନ୍ତି। ଆଜି ଦେଶର ବିଭିନ୍ନ ସ୍ଥାନରେ ଲକ୍ଷ ଲକ୍ଷ ନବଉଦ୍ୟମ ଗଢ଼ିଉଠୁଛି। ମହାମାରୀ ସମୟରେ ଭାରତ ବିଶ୍ୱର ପ୍ରଥମ ତିନୋଟି ଦେଶ ମଧ୍ୟରେ ନିଜର ଟିକା ବିକଶିତ କରିଥିଲା। ଭାରତ ନିଜ ଦେଶର ଲୋକଙ୍କୁ ଟିକା ଦେବା ସହିତ ବିଶ୍ୱର ୭୦ଟି ଦେଶକୁ ଟିକା ପଠାଇ ସେଠାକାର ଲୋକଙ୍କ ଜୀବନ ରକ୍ଷାରେ ସହାୟତା କରିଥିଲା। ଭାରତକୁ ନିଜକୁ ନେଇ ଥିବା ହୀନମନ୍ୟତା ଦୂର କରିବାକୁ ହେବ ଏବଂ ଯୁବପିଢ଼ିଙ୍କୁ ପ୍ରୋତ୍ସାହନ ଦେଇ ସେମାନଙ୍କ ମନରେ ଆତ୍ମବିଶ୍ୱାସ ଓ ଉତ୍ସାହ ସୃଷ୍ଟି କରିବାକୁ ହେବ। ଆମେ ପାରିବୁ ବୋଲି ଯୁବପିଢ଼ିଙ୍କ ମନରେ ବିଶ୍ୱାସ ସୃଷ୍ଟି କରିବା ଆବଶ୍ୟକ, କାରଣ ଭାରତ ଏହା ପୂର୍ବରୁ ପ୍ରମାଣ କରିସାରିଛି। ଶ୍ରୀ ଶାହ କହିଥିଲେ ଯେ ୨୦୧୪ରେ ଭାରତକୁ ଦୁର୍ବଳ ପାଞ୍ଚଟି ଅର୍ଥନୀତି ମଧ୍ୟରେ ଗଣନା କରାଯାଉଥିଲା ଏବଂ ଦେଶ ନୀତିଗତ ଅଚଳାବସ୍ଥାରେ ଥିବା କୁହାଯାଉଥିଲା। ସେହି ଭାରତ ଆଜି ବିଶ୍ୱର ଅନ୍ୟତମ ଆକର୍ଷଣୀୟ ଉତ୍ପାଦନ କେନ୍ଦ୍ର ଭାବେ ଉଭା ହୋଇଛି ଏବଂ ବିଶ୍ୱସ୍ତରରେ ସ୍ୱୀକୃତି ହାସଲ କରିଛି।

# ପିଆଜ ଦର ନିୟନ୍ତ୍ରଣକୁ କେନ୍ଦ୍ରର ବଡ଼ ପଦକ୍ଷେପ: କିଲୋ ପିଛା ୩୫ ଟଙ୍କାରେ ପିଆଜ ବିକ୍ରି, ନାସିକରୁ ଦିଲ୍ଲୀ ଗଡ଼ିଲା 'କନ୍ଦା ଏକ୍ସପ୍ରେସ୍'

ନୂଆଦିଲ୍ଲୀ, ୨୭/୮ (ପିଆଇବି): ପାର୍ବଣ ଋତୁ ପୂର୍ବରୁ ପିଆଜ ଦର ବୃଦ୍ଧିକୁ ରୋକିବା ଏବଂ ଦେଶର ବିଭିନ୍ନ ବଜାରରେ ପର୍ଯ୍ୟାପ୍ତ ପିଆଜ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ସଂରକ୍ଷିତ ମହଜୁଦରେ ରଖାଯାଇଥିବା ପିଆଜକୁ ଆବଶ୍ୟକତା ଅନୁସାରେ ବିଭିନ୍ନ ପ୍ରମୁଖ ଉପଭୋକ୍ତା ବଜାରକୁ ପଠାଇବା ଆରମ୍ଭ ହୋଇଛି। ଏଥିପାଇଁ ରେଳ ଓ ସଡ଼କ ପରିବହନର ମିଶ୍ରିତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ନାସିକରୁ ଦିଲ୍ଲୀ ଅଭିମୁଖେ ପ୍ରଥମ 'କନ୍ଦା ଏକ୍ସପ୍ରେସ୍' ରବାନା ହୋଇଥିବା ବେଳେ ଦେଶର ଅନ୍ୟ ପ୍ରମୁଖ ଉପଭୋକ୍ତା କେନ୍ଦ୍ରକୁ ସଡ଼କ ପଥରେ ମଧ୍ୟ ପିଆଜ ପଠାଯାଉଛି। ପାର୍ବଣ ଋତୁରେ ବଢୁଥିବା ଚାହିଦା ଯୋଗୁଁ ପିଆଜ ଦରରେ ଅସ୍ୱାଭାବିକ ବୃଦ୍ଧି ନ ହେବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ସରକାରଙ୍କ ତଥ୍ୟ ଅନୁସାରେ, ୨୦୨୫-୨୬ ବର୍ଷରେ ଦେଶରେ ପିଆଜ ଉତ୍ପାଦନ ପ୍ରାୟ ୩୦୭.୩୭ ଲକ୍ଷ ଟନ୍ ହେବାର ଆକଳନ ରହିଛି। ପୂର୍ବବର୍ଷ ଏହା ପ୍ରାୟ ୩୦୭.୬୭ ଲକ୍ଷ ଟନ୍ ଥିଲା। ଅର୍ଥାତ୍ ଦେଶର ଘରୋଇ ଚାହିଦା ପୂରଣ ପାଇଁ ପିଆଜର ଉପଲବ୍ଧତା ନେଇ ବର୍ତ୍ତମାନ ବଡ଼ ଚିନ୍ତାର କାରଣ ନାହିଁ ବୋଲି ସରକାର କହିଛନ୍ତି। ଉତ୍ପାଦନ ସହିତ ସଂରକ୍ଷିତ ମହଜୁଦ ଓ ବଜାର ହସ୍ତକ୍ଷେପକୁ ଆଧାର କରି ଆଗାମୀ ମାସଗୁଡ଼ିକରେ ମଧ୍ୟ ପିଆଜର ପର୍ଯ୍ୟାପ୍ତ ଯୋଗାଣ ରହିବ ବୋଲି କେନ୍ଦ୍ରର ଆକଳନ। ଏହି ପରିପ୍ରେକ୍ଷୀରେ ୨୦୨୬-୨୭ ବର୍ଷ ପାଇଁ ମୂଲ୍ୟ ସ୍ଥିରୀକରଣ ପାଣ୍ଠି ଅଧୀନରେ ୨ ଲକ୍ଷ ଟନ୍ ରବି ପିଆଜ କିଣିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମେ ୧୫ରୁ ଏହି କ୍ରୟ ଅଭିଯାନ ଆରମ୍ଭ ହୋଇଥିବା ବେଳେ ଜାତୀୟ ସହକାରୀ ଉପଭୋକ୍ତା ମହାସଂଘ ଓ ଜାତୀୟ କୃଷକ ସହକାରୀ ବିପଣନ ସଂଘ ମାଧ୍ୟମରେ ପ୍ରାୟ ୧.୨୧ ଲକ୍ଷ ଟନ୍ ପିଆଜ ସଂରକ୍ଷିତ ମହଜୁଦ ପାଇଁ କିଣାଯାଇଛି। ପିଆଜ ସଂରକ୍ଷଣ ଓ ପରିଚାଳନାକୁ ଅଧିକ ସୁଦୃଢ଼ କରିବା ପାଇଁ ଚଳିତ ବର୍ଷ ପ୍ରଥମଥର ପାଇଁ କେନ୍ଦ୍ରୀୟ ଗୋଦାମ ନିଗମକୁ ଏହି ସଂରକ୍ଷିତ ପିଆଜର ଗୋଦାମ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଆଗାମୀ ଦିନରେ ଓଣମ୍, ଗଣେଶ ଚତୁର୍ଥୀ, ଦୁର୍ଗାପୂଜା, ଦଶହରା, ଦୀପାବଳି ଏବଂ ବିବାହ ଋତୁ ଭଳି ପର୍ବପର୍ବାଣୀ ଓ ସାମାଜିକ ଆୟୋଜନ ଯୋଗୁଁ ପିଆଜର ଚାହିଦା ବଢ଼ିବାର ସମ୍ଭାବନା ରହିଛି। ଏହି ସମୟରେ ଯୋଗାଣ ଶୃଙ୍ଖଳା ଓ ବଢୁଥିବା ଚାହିଦା ଯୋଗୁଁ ପିଆଜ ଦର ବଢ଼ିବାର ସମ୍ଭାବନା ଥାଏ। ତେଣୁ ସମୟ ପୂର୍ବରୁ ସଂରକ୍ଷିତ ପିଆଜକୁ ବଜାରକୁ ଛାଡ଼ି ଦର ନିୟନ୍ତ୍ରଣରେ ରଖିବାକୁ ସରକାର ଗୁରୁତ୍ୱ ଦେଇଛନ୍ତି। ସବୁଠାରୁ ବଡ଼ ଖବର ହେଉଛି, ଉପଭୋକ୍ତାମାନଙ୍କୁ କିଲୋ ପିଛା ୩୫ ଟଙ୍କା ଦରରେ ପିଆଜ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ମୋବାଇଲ୍ ବିକ୍ରୟ ଯାନ ସହିତ ବିଭିନ୍ନ ଖୁଚୁରା ବିକ୍ରୟ କେନ୍ଦ୍ର ମାଧ୍ୟମରେ ଏହି ପିଆଜ ବିକ୍ରି କରାଯିବ। ଜାତୀୟ ସହକାରୀ ଉପଭୋକ୍ତା ମହାସଂଘ ପକ୍ଷରୁ ୯୦ଟି ବିକ୍ରୟ କେନ୍ଦ୍ର ଓ ୪୦ଟି ମୋବାଇଲ୍ ବିକ୍ରୟ ଯାନ, ଜାତୀୟ କୃଷକ ସହକାରୀ ବିପଣନ ସଂଘ ପକ୍ଷରୁ ୧୩ଟି ବିକ୍ରୟ କେନ୍ଦ୍ର ଓ ୫୦ଟି ମୋବାଇଲ୍ ବିକ୍ରୟ ଯାନ ଏବଂ କେନ୍ଦ୍ରୀୟ ଭଣ୍ଡାର ପକ୍ଷରୁ ପ୍ରାୟ ୧୦୦ଟି ବିକ୍ରୟ କେନ୍ଦ୍ର ମାଧ୍ୟମରେ ଉପଭୋକ୍ତାଙ୍କୁ ଏହି ସୁବିଧା ଦିଆଯିବ। ପିଆଜ ପରିବହନରେ 'କନ୍ଦା ଏକ୍ସପ୍ରେସ୍' ଏବେ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପରିବହନ ପଦକ୍ଷେପ ଭାବେ ଉଭା ହୋଇଛି। ୨୦୨୪-୨୫ରେ ୧୪ଟି ରେଳ ରେକ୍ ମାଧ୍ୟମରେ ପ୍ରାୟ ୧୨ ହଜାର ଟନ୍ ପିଆଜ ପାଞ୍ଚଟି ସହରକୁ ପଠାଯାଇଥିଲା। ୨୦୨୫-୨୬ରେ ଏହି ବ୍ୟବସ୍ଥା ଆହୁରି ବ୍ୟାପକ ହୋଇଥିଲା। ୮୬ଟି ରେଳ ରେକ୍ ମାଧ୍ୟମରେ ପ୍ରାୟ ୮୮ ହଜାର ଟନ୍ ପିଆଜ ଦେଶର ୧୬ଟି ସହରକୁ ପଠାଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ନାସିକରୁ ନୂଆଦିଲ୍ଲୀ ଅଭିମୁଖେ ପ୍ରଥମ 'କନ୍ଦା ଏକ୍ସପ୍ରେସ୍' ଯାତ୍ରା ଆରମ୍ଭ କରିଛି। ଏହା ସହିତ ଚେନ୍ନାଇ, କୋଲକାତା, ଏର୍ଣ୍ଣାକୁଲମ୍, ଗୁଆହାଟୀ, ବାରାଣସୀ, ଲକ୍ଷ୍ନୌ, ପାଟନା, ଚଣ୍ଡୀଗଡ଼, ଜମ୍ମୁ ଓ ଅମୃତସର ଭଳି ପ୍ରମୁଖ ଉପଭୋକ୍ତା କେନ୍ଦ୍ରକୁ ସଡ଼କ ପଥରେ ମଧ୍ୟ ପିଆଜ ପଠାଯାଉଛି। କେଉଁ ସହରରେ କେତେ ପିଆଜ ଆବଶ୍ୟକ, କେଉଁ ବଜାରରେ ଦର ବଢୁଛି ଏବଂ କେଉଁଠାରେ ଯୋଗାଣ ଅଧିକ ଦରକାର—ସେହି ଅନୁସାରେ ପରିବହନ ଓ ବିକ୍ରୟ ବ୍ୟବସ୍ଥାକୁ ବଦଳାଯିବ। ଅନ୍ୟପଟେ ଦେଶର ପିଆଜ ରପ୍ତାନି ମଧ୍ୟ ଜାରି ରହିଛି। ୨୦୨୬ ଏପ୍ରିଲରୁ ଜୁନ୍ ମଧ୍ୟରେ ପ୍ରାୟ ୩.୮୨ ଲକ୍ଷ ଟନ୍ ପିଆଜ ରପ୍ତାନି ହୋଇଥିବା ସରକାରୀ ତଥ୍ୟରେ କୁହାଯାଇଛି। ମାଲେସିଆ, ଶ୍ରୀଲଙ୍କା, ସଂଯୁକ୍ତ ଆରବ ଏମିରେଟ୍ସ ଓ ନେପାଳ ଭଳି ଦେଶ ଭାରତୀୟ ପିଆଜର ପ୍ରମୁଖ ବଜାର ରହିଛନ୍ତି। ଘରୋଇ ଚାହିଦା ପୂରଣ ସହିତ ରପ୍ତାନି ଜାରି ରହିବାକୁ ସରକାର ଦେଶର ପିଆଜ ଉପଲବ୍ଧତା ସନ୍ତୋଷଜନକ ଥିବାର ଏକ ସଙ୍କେତ ଭାବେ ଦେଖାଇଛନ୍ତି। ଦେଶର ୫୭୯ଟି କେନ୍ଦ୍ରରେ ୪୧ଟି ଅତ୍ୟାବଶ୍ୟକ ସାମଗ୍ରୀର ଦୈନିକ ଦର ଉପରେ ନଜର ରଖାଯାଉଛି। ପିଆଜର ଆଗମନ, ଚାହିଦା, ମୂଲ୍ୟ ଓ ଉପଲବ୍ଧତା ଭଳି ତଥ୍ୟ ଆଧାରରେ ସଂରକ୍ଷିତ ମହଜୁଦରୁ କେତେ ପିଆଜ କେଉଁ ବଜାରକୁ ପଠାଯିବ, ସେନେଇ ନିଷ୍ପତ୍ତି ନିଆଯାଉଛି। ଅଗଷ୍ଟ ୨୬ର ସର୍ବଭାରତୀୟ ହାରାହାରି ଖୁଚୁରା ଦର ଅନୁସାରେ ପିଆଜ କିଲୋ ପିଛା ୩୭.୮୭ ଟଙ୍କା ରହିଥିବା ବେଳେ ଟମାଟୋ ୩୮.୩୩ ଟଙ୍କା, ଆଳୁ ୨୨.୬୩ ଟଙ୍କା, ଚଣା ଡାଲି ୮୬.୭୧ ଟଙ୍କା, ଅଟା ୪୦.୪୮ ଟଙ୍କା, ତୁର ଡାଲି ୧୨୩.୩୦ ଟଙ୍କା ଏବଂ କ୍ଷୀର ଲିଟର ପିଛା ୬୦.୮୨ ଟଙ୍କା ରହିଛି। ସରକାରଙ୍କ କହିବା ଅନୁସାରେ ଟମାଟୋ, ଆଳୁ ଓ ଚଣା ଡାଲିର ଦର ଗତବର୍ଷ ତୁଳନାରେ ମଧ୍ୟ କମ୍ ରହିଛି। ଉପଭୋକ୍ତାଙ୍କ ସ୍ୱାର୍ଥ ସୁରକ୍ଷା ସହିତ କୃଷକମାନେ ଉତ୍ପାଦର ଉଚିତ ମୂଲ୍ୟ ପାଇବା—ଏହି ଦୁଇଟି ଦିଗକୁ ସନ୍ତୁଳିତ ରଖିବାକୁ ସରକାର ମୂଲ୍ୟ ସ୍ଥିରୀକରଣ ନୀତି ଅଧୀନରେ ପଦକ୍ଷେପ ଜାରି ରଖିବେ ବୋଲି କହିଛନ୍ତି। ପିଆଜ ଦର ନେଇ ବଜାରରେ କୌଣସି ଅନାବଶ୍ୟକ ଚାପ ସୃଷ୍ଟି ନ ହେବା ପାଇଁ ଆଗାମୀ ଦିନରେ ମଧ୍ୟ ଦର, ଆଗମନ ଓ ଉପଲବ୍ଧତା ଉପରେ ନଜର ରହିବ। ଆବଶ୍ୟକତା ଅନୁସାରେ ସଂରକ୍ଷିତ ପିଆଜର ପରିମାଣ, ବିକ୍ରୟ କେନ୍ଦ୍ର ଓ ପରିବହନ ବ୍ୟବସ୍ଥାକୁ ଆହୁରି ବଢ଼ାଯିବ। ପାର୍ବଣ ଋତୁରେ ପିଆଜ ଦର ଯେପରି ରୋଷେଇଘରର ବଜେଟ୍‌କୁ ଭାରୀ ନ କରେ, ସେଥିପାଇଁ କେନ୍ଦ୍ରର ଏହି ପଦକ୍ଷେପ କେତେ ପ୍ରଭାବଶାଳୀ ହେବ, ତାହା ଆଗାମୀ ଦିନର ବଜାର ଦର ହିଁ ସ୍ପଷ୍ଟ କରିବ।



ସମ୍ପାଦକୀୟ

## ଛାତ୍ରଛାତ୍ରୀ ଘରୋଇ ସ୍କୁଲ ମୁହାଁ ଚିନ୍ତାଜନକ

ଦେଶବ୍ୟାପୀ ବିଦ୍ୟାଳୟଗୁଡ଼ିକର ଭିତିଭୂମୀ, ନାମଲେଖା ଏବଂ ଶିକ୍ଷକମାନଙ୍କର ପରିସଂଖ୍ୟାନ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତି ସରକାରୀ ସ୍କୁଲରୁ ଘରୋଇ ସ୍କୁଲଗୁଡ଼ିକୁ ଛାତ୍ରଛତ୍ରୀଙ୍କ ନିରନ୍ତର ପରିବର୍ତନ ସମ୍ପର୍କରେ ନିଶ୍ଚିତ ସନ୍ଦେଶ ପ୍ରଦାନ କରୁଛି ବୋଲି କୁହାଯାଇପାରିବ। ମିଳିଥିବା ତଥ୍ୟ ଅନୁସାରେ ଗତ ଦୁଇବର୍ଷ ମଧ୍ୟରେ ପ୍ରାୟ ୮୬ଲକ୍ଷ ଛାତ୍ରଛାତ୍ରୀ ସରକାରୀ ବିଦ୍ୟାଳୟଗୁଡ଼ିକରୁ ଘରୋଇ ବିଦ୍ୟାଳୟଗୁଡ଼ିକୁ ସ୍ଥାନାନ୍ତର ହୋଇଛନ୍ତି। ଏହି ସମାନ ସମୟ ଅବଧିରେ ସ୍ୱୀକୃତିପ୍ରାପ୍ତ ଅଣଅନୁଦାନ ପ୍ରାପ୍ତ ଘରୋଇ ସ୍କୁଲ ଗୁଡ଼ିକରେ ଅତିରିକ୍ତ ୮୮ଲକ୍ଷ ଛାତ୍ରଛାତ୍ରୀ ନାମ ଲେଖାଇଥିବା କୁହାଯାଏ। ସେହିପରି ୟୁନିଫାଏଡ ଡିଷ୍ଟ୍ରିକ୍ଟ ଇନ୍‌ଫର୍‌ମେସନ୍ ସିଷ୍ଟମ ଫର ଏଜୁକେଶନ ପ୍ଲସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ମାଧ୍ୟମିକ ସ୍ତରରେ ୨୦୨୩-୨୪ ଶିକ୍ଷା ବର୍ଷରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୪.୮୦ କୋଟି ଥିବାବେଳେ ୨୦୨୫-୨୬ ବର୍ଷରେ ସେମାନଙ୍କ ସଂଖ୍ୟା ୨୪.୭୨ କୋଟିକୁ ହ୍ରାସ ପାଇଛି। ସରକାରୀ ସ୍କୁଲରେ ନାମଲେଖା ୧୨.୭୫ କୋଟିରୁ ୧୧.୮୯ କୋଟି ବାଦ୍ ପଡିଛି। ଏହା ନିସନ୍ଦେହ ଯେ, ସରକାରୀ ସ୍କୁଲଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସର କାରଣ ହେଉଛି ସେମାନଙ୍କୁ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ସରକାରୀ ବିଦ୍ୟାଳୟଗୁଡ଼ିକର ଦୁର୍ବଳ ସ୍ଥିତି ତଥା ଦୁରାବସ୍ଥା ଆଉ ଆକର୍ଷିତ କରିପାରୁନାହିଁ। ଏଥିପାଇଁ ସରକାରଙ୍କ ସ୍କୁଲ ପ୍ରତି ଅବହେଳାକୁ କେବଳ ଦାୟୀ କରାଯାଇପାରେ। କାରଣ ସରକାରୀ ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ ଦୁସ୍ୱପ୍ନ ହୋଇଯାଇଛି। ଶିକ୍ଷାର ସୁସ୍ଥ ବାତାବରଣ ପାଇଁ ଯାହାସବୁ ଆବଶ୍ୟକ, ତାହା ଅପୂରଣୀୟ ରହିଛି। କହିବା ବାହୁଲ୍ୟ ଯେ, ଦେଶରେ ମୋଟ ୧୪.୭୨ ଲକ୍ଷ ସରକାରୀ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ଥିବାବେଳେ ସେଥିମଧ୍ୟରୁ ୮.୪ ଲକ୍ଷ ପ୍ରାଇମେରୀ, ୪.୫ ଲକ୍ଷ ଉଚ୍ଚ ପ୍ରାଥମିକ ଏବଂ ୧.୫ ଲକ୍ଷରୁ ଅଧିକ ମାଧ୍ୟମିକ ବିଦ୍ୟାଳୟ ରହିଛି। ସେହିପରି ଦେଶରେ ସରକାରୀ ବିଦ୍ୟାଳୟଗୁଡ଼ିକର ସଂଖ୍ୟା ମୋଟ ସ୍କୁଲଗୁଡ଼ିକର ସଂଖ୍ୟାର ୬୯ ପ୍ରତିଶତ ଥିବାବେଳେ ଘରୋଇ ସ୍କୁଲଗୁଡ଼ିକର ସଂଖ୍ୟା ହେଉଛି ୨୨.୫ ପ୍ରତିଶତ। ଉଭୟ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ଶିକ୍ଷକ ଓ ଭିତିଭୂମିର ଅଭାବ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। କେଉଁଠି ସ୍କୁଲ ଅଛିତ ଶିକ୍ଷକ ନାହାଁନ୍ତି, କେଉଁଠି ଶିକ୍ଷକ ଥିବାବେଳେ ଉପଯୁକ୍ତ ସ୍କୁଲ ଘର ନାହିଁ। ପାଂଚଟି ଶ୍ରେଣୀ ପାଇଁ ୨ଜଣ ଶିକ୍ଷକ ଅଛନ୍ତି। ପଂଚମ ଶ୍ରେଣୀର ପିଲା ଦ୍ୱିତୀୟ ଶ୍ରେଣୀର ଗଣିତ କରିପାରୁନାହିଁ, ନିଜ ନାମ ମାତୃଭାଷାରେ ସଠିକ ଲେଖିପାରୁନାହିଁ। ଅଷ୍ଟମ ଶ୍ରେଣୀର ପିଲା ନିର୍ଭୁଲ ଭାବେ ଇଂରାଜୀ ବାକ୍ୟଟିଏ ପଢିପାରୁନାହିଁ। ଏହା ହେଉଛି ସରକାରୀ ସ୍କୁଲର ନିଦର୍ଶନ। ଏହା ସତ୍ତ୍ୱେ ସରକାରୀ ସ୍କୁଲଗୁଡ଼ିକରେ କେତେକ ସକରାତ୍ମକ ତଥ୍ୟ ମଧ୍ୟ ମିଳିଛି। ଉଭୟ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ଅଧାରୁ ପାଠଛାଡ ହାର ହ୍ରାସ ପାଇଛି। ଶୂନ ନାମଲେଖା ସ୍କୁଲ ସଂଖ୍ୟା ୧୨,୯୫୪ ରୁ ୫୬୬୩କୁ ହ୍ରାସ ପାଇଥିବାବେଳେ ଜଣେ ମାତ୍ର ଶିକ୍ଷକ ଥିବା ସ୍କୁଲ ସଂଖ୍ୟା ୧.୧୧ ଲକ୍ଷରୁ ୧.୦୧ ଲକ୍ଷକୁ ହ୍ରାସ ପାଇଛି। ସେହିପରି ଛାତ୍ର ଶିକ୍ଷକ ଅନୁପାତ ୨୪ରୁ ୨୫କୁ ବୃଦ୍ଧି ପାଇଥିବାବେଳେ ଦେଶବ୍ୟାପୀ ଶିକ୍ଷକଙ୍କ ସଂଖ୍ୟା ୧.୦୩ କୋଟି ରହିଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ତଥା ସନ୍ତୋଷଜନକ ପ୍ରସଙ୍ଗ ହେଉଛି ସ୍କୁଲଗୁଡ଼ିକରେ ଛାତ୍ରୀଙ୍କ ପ୍ରତିନିଧିତ୍ୱ ୪୮.୪ ପ୍ରତିଶତ ରହିଛି। ଯାହାକି ଉତ୍ସାହଜନକ ବୋଲି କୁହାଯାଇପାରେ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୫୮.୨ ପ୍ରତିଶତ ସ୍କୁଲରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ର୍‍ୟାମ୍ପ ଏବଂ ହ୍ୟାଣ୍ଡଲେସ୍ (ହାତରେ ଧରିବା ବାଡ) ଥିବାବେଳେ ୯୮.୫ ପ୍ରତିଶତ ସ୍କୁଲରେ ବାଳିକାମାନଙ୍କ ପାଇଁ ଶୌଚାଳୟ, ୯୬.୯ ପ୍ରତିଶତ ସ୍କୁଲରେ ହାତ ଧୋଇବା କକ୍ଷ ଏବଂ ୯୯.୫ ପ୍ରତିଶତ ସ୍କୁଲରେ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ ରହିଛି। କିନ୍ତୁ ଗୁଣାତ୍ମକ ଶିକ୍ଷାଦାନ ଏବଂ ଶିକ୍ଷକ ଅଭାବ ଯାହା ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଆମ ରାଜ୍ୟରେ ବିଦ୍ୟାଳୟ ଶିକ୍ଷାସ୍ତର ଦିନକୁ ଦିନ ହ୍ରାସ ପାଉଥିବା ପର୍ଫମାନ୍ସ ଗ୍ରେଡିଂ ଇଣ୍ଡେକ୍ସ (ପିଜିଆଇ) ୨.୦ ରିପୋର୍ଟରେ ଚାଂଚଲ୍ୟକର ତଥ୍ୟ ପ୍ରକାଶ ପାଇଛି। ଶିକ୍ଷା ଫଳାଫଳ, ଭିତିଭୂମି ଓ ସୁବିଧା ସୁଯୋଗ, ଶିକ୍ଷକ, ଶିକ୍ଷା ଓ ତାଲିମରେ ପ୍ରଦର୍ଶନ ଉତମ ଥିବା ସତ୍ତ୍ୱେ ଅନ୍ୟ ରାଜ୍ୟମାନଙ୍କ ସହ ସମକକ୍ଷ ହୋଇପାରିନାହିଁ। ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳକୁ ନେଇ ପ୍ରସ୍ତୁତ ରିପୋର୍ଟରେ ଓଡିଶା ଶ୍ରେଷ୍ଠ ୧୦ଟି ରାଜ୍ୟ ମଧ୍ୟରେ ଥିବା ସତ୍ତ୍ୱେ ଗତ ୨୦୨୪-୨୫ ତୁଳନାରେ ଖରାପ ପ୍ରଦର୍ଶନ କରିଛି। ଏହା ଶିକ୍ଷାର ସ୍ତର ହ୍ରାସ ସୂଚନା ପ୍ରଦାନ କରେ।

# ଅଣ ଦେଖା କରନ୍ତୁନି ସର୍କଲ ରେଟକୁ

ଯୁଧିଷ୍ଠିର ମହାରଣା

ଆମ ମାନଙ୍କ ଭିତରୁ ଅଧିକାଂଶ କିଣା ବିକା ସମୟରେ ସର୍କଲ ରେଟଟିକୁ ଏକପ୍ରକାର ନଜର ଅନ୍ଦାଜ କରିଥାନ୍ତି ତେବେ ଏହା ଉପରେ ଆପଣଙ୍କର ସମ୍ପତ୍ତି, ଘରବାଡିର ଟିକସ, ଏହା ସହ ପଞ୍ଜୀକରଣ ଖର୍ଚ୍ଚ, ଏହା ସହିତ କେତେକ କ୍ଷେତ୍ରରେ ଗୃହରୁ ଋଣର ପରିମାଣ ଏହା ଉପରେ ନିର୍ଭରଶୀଳ। ଯଦିଓ ଆପଣ କମ ଦାମରେ ଡିଲ କରନ୍ତି ସରକାର କିନ୍ତୁ ସର୍କଲ ରେଟ ହିସାବରେ ମୂଲ୍ୟ ନିଅନ୍ତି। ତେଣୁ ବାସ୍ତବରେ ଅର୍ଥନୀତି ବିଷାରଦ ତଥା ଟ୍ୟାକ୍ସ ଉପରେ ଅଧ୍ୟୟନ କରୁଥିବା ଗବେଷକମାନଙ୍କ ମତ ସର୍କଲ ରେଟ ନ ବୁଝି ସମ୍ପତ୍ତି କିଣିବା ଅନେକଙ୍କ କ୍ଷେତ୍ରରେ ଭଲଟା ଭେଲ ହୋଇଯାଏ।

ଆସନ୍ତୁ ସର୍ବପ୍ରଥମେ ଜାଣିବା ସର୍କଲ ରେଟ କ'ଣ? ଏହା ହେଉଛି ରାଜ୍ୟ ସରକାରଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ, ଅଞ୍ଚଳରେ ସମ୍ପତ୍ତି ବାଡ଼ି କ୍ରୟବିକ୍ରୟ ପଞ୍ଜୀକରଣ ପାଇଁ ଧାର୍ଯ୍ୟକୃତ ସର୍ବନିମ୍ନ ମୂଲ୍ୟରାଶି। ଅନ୍ୟ ଭାବରେ ଏହାକୁ 'ରେଡ଼ିରେକନର ରେଟ ବି' କୁହନ୍ତି। ଏହାକୁ ନେଇ ସମ୍ପତ୍ତିର ପଞ୍ଜୀକରଣ ଖର୍ଚ୍ଚ, ଷ୍ଟାମ୍ପ ଡ୍ୟୁଟି ନିର୍ଣ୍ଣୟ ହୋଇଥାଏ। ବାସ୍ତବରେ ସରକାରଙ୍କ ରାଜସ୍ୱ ବିଭାଗ ପ୍ରତି ବର୍ଷ ବା ଦୁଇ ତିନି ବର୍ଷରେ ଥରେ ସେ ସମୟର ବଜାର ସ୍ଥିତିକୁ ଦେଖି ସର୍କଲ ରେଟ ନିର୍ଦ୍ଧାରଣ କରିଥାନ୍ତି।

ଅନେକଙ୍କ ଭିତରେ ପ୍ରଶ୍ନ ଉଙ୍କି ମାରୁଥିବ ଯେ ସର୍କଲ ରେଟ କିଭଳି ନିର୍ଣ୍ଣୟ ହୁଏ? ଏହାର ସରଳ ଉତ୍ତରଟି ହେଉଛି ସରକାର ଏହି ସର୍କଲ ରେଟ ନିର୍ଦ୍ଧାରଣ କଲା କ୍ଷେତ୍ରରେ ଅନେକ ଦିଗକୁ ଦେଖିଥାନ୍ତି, ବିଶେଷଜ୍ଞଙ୍କ ପରାମର୍ଶ ପରେ ଅନୁଶୀଳନ ହୋଇଥାଏ। ସମ୍ପତ୍ତିର ଲୋକେସନ ବା ଅବସ୍ଥିତି ପ୍ରସଙ୍ଗଟି ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ବଡ଼ ଦିଗ। ଏହା ନିଃସନ୍ଦେହ ଉନ୍ନତ ସଂଯୋଗ, ପାନୀୟଜଳ, ଉନ୍ନତମାନର ରାସ୍ତା ଓ ଭିତ୍ତିଭୂମି ଯେଉଁ ଅଞ୍ଚଳରେ ଅଧିକ ସହାୟକ ଓ ଉପଯୋଗୀ ଭାବେ ସାବ୍ୟସ୍ତ ହୋଇଥାଏ ଏହାର ଗୁରୁତ୍ୱ ଅଧିକ ବଢ଼େ। ସେହିପରି ଅନ୍ୟ ଏକ ଦିଗଟି ହେଉଛି ଆବାସିକ କ୍ଷେତ୍ର, ସେହିପରି ବାଣିଜ୍ୟିକ ଠାରୁ ଶିଳ୍ପାଞ୍ଚଳ ପାଇଁ ଭିନ୍ନ ଭିନ୍ନ ହାର ନିର୍ଦ୍ଧାରଣ କରାଯାଇଥାଏ। ଏ ସବୁ ଭିତରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଏହାର ମାଲିକାନା। ଅର୍ଥାତ୍ ଫ୍ରିହୋଲଡ ଓ ଲିଜହୋଲଡ଼ ସମ୍ପତ୍ତିର ମଧ୍ୟ ହାର ସମାନ ହେବାରେ କିଛି ମାନେ ନାହିଁ, ଭିନ୍ନ ହୋଇପାରେ। ଏହାସହିତ ଅନ୍ୟ ଏକ ଦିଗଟି ହେଉଛି ଅଞ୍ଚଳଟି ଯଦି ବିଦ୍ୟାଳୟ, ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ, ଡାକ୍ତରଖାନା, ବଜାର ଭଳି ଉନ୍ନତ ଓ ସବୁ କ୍ଷେତ୍ରର ଉଚ୍ଚମାନର ମୌଳିକ ସୁବିଧା ଥାଏ ତେବେ ଏହା ମଧ୍ୟ ପରୋକ୍ଷରେ ପ୍ରଭାବିତ କରେ। ଛୋଟ କିମ୍ବା ପୁରୁଣା ସମ୍ପତ୍ତିର ହାର ଭିନ୍ନ ଥାଇପାରେ।

ଯେଉଁମାନେ ରିୟଲ ଇଷ୍ଟେଟ ବଜାର କ୍ଷେତ୍ରରେ ପୁଞ୍ଜି ଲଗାଇଛନ୍ତି ସେମାନେ ସର୍କଲ ରେଟକୁ ସର୍ବାଧିକ ଗୁରୁତ୍ୱ ଦେଇଥାନ୍ତି। ସର୍କଲ ରେଟ ସମୟ ସମୟରେ ରିୟଲ ଇଷ୍ଟେଟର ବଜାରକୁ ଦେଖି ନିର୍ଦ୍ଧାରିତ ହୋଇଥାଏ। ସମସ୍ତେ ଭଲ ଭାବେ ଜାଣନ୍ତି ଯେଉଁଠି ଚାହିଦା, ସେହିଠି ଚଢ଼ା ରେଟ। ଆଉ ଯେଉଁଠି ଚାହିଦା ପଛୁଆ ଦରଦାମ ମଧ୍ୟ ପଛୁଆ ଅର୍ଥାତ୍ କମିଯାଏ। ହଁ, ଏଇଠି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସମ୍ପର୍କରେ ଉଲ୍ଲେଖ କରୁଛୁ। କେତେକ କ୍ଷେତ୍ରରେ ମୂଲ୍ୟକୁ କମ ଦର୍ଶାଇ ସରକାରଙ୍କ ଷ୍ଟାମ୍ପ ଡ୍ୟୁଟିରୁ ଖସିଯିବାକୁ ଯେଉଁ କ୍ରେତା ଓ ବିକ୍ରେତା କରୁଥାନ୍ତି ଏହା ଦଣ୍ଡନୀୟ ଅପରାଧ ଅନ୍ତର୍ଗତ।

ଅସଲ କଥା ହେଉଛି ସାଧାରଣତଃ ଭାରତର ବ୍ୟାଙ୍କ ବ୍ୟବସ୍ଥା ଯାହା ସେମାନେ ସର୍କଲ ରେଟ ଓ ପ୍ରକୃତ ଦାମ ଦ୍ୱାରା ସ୍ଥିର କରାଯାଇଥିବା କମ ମୂଲ୍ୟ ଉପରେ ଋଣ ନିର୍ଣ୍ଣୟ କରନ୍ତି। ଆଉ ଗୋଟିଏ ମନେରଖିବା କଥା ଯଦି ଜଣଙ୍କର ସର୍କଲ ରେଟ କମ ରୁହେ ତେବେ ତାଙ୍କର ଋଣ ନେବାର ଯୋଗ୍ୟତା ନିଶ୍ଚିତ ଭାବରେ କମିଯିବ। ଏହାର ପରିଣତି ସ୍ୱରୂପ ଅଧିକ ଡାଉନ ପେମେଣ୍ଟ ଦେବାକୁ ପଡ଼ିପାରେ। ଏହା ବ୍ୟତୀତ ବ୍ୟାଙ୍କ ଓ ଆର୍ଥିକ ପ୍ରତିଷ୍ଠାନ ମଧ୍ୟ ଏହି ଆଧାରକୁ ଦେଖି ସମ୍ପତ୍ତିର ମୂଲ୍ୟ ନିର୍ଦ୍ଧାରଣ କରନ୍ତୁ। ଶେଷରେ ଗୃହ ଋଣ ପାଇଁ ଯୋଗ୍ୟତା ନିର୍ଣ୍ଣୟ ନିର୍ଦ୍ଧାରଣ କରାଯାଏ। ତେଣୁ ଯଦି ସମ୍ପତ୍ତି ବାଡ଼ି କିଣୁଛନ୍ତି ତେବେ ସର୍ବପ୍ରଥମେ ସର୍କଲ ରେଟ ସମ୍ପର୍କରେ ବୁଝନ୍ତୁ ନ ହେଲେ ପରେ ପସ୍ତେଇବେ। ଧନକ୍ଷୟ, ଧାଁ ଧଉଡ, ଅସ୍ତବ୍ୟସ୍ତ ଭିତରେ ଆଇନ କାନୁନ କଥା ଶେଷରେ ମାନସିକ ଚିନ୍ତାଗ୍ରସ୍ତ ହେବେ ଯେତେବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିଯାଇଥିବ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮

# ଜୀବନଟା ଏହିପରି...

ତ୍ରିନାଥ ଓଝା

ମଣିଷ ବଞ୍ଚେ, ଏକ ସୁନ୍ଦର ସଂସାରକୁ ନେଇ। ହେଲେ ଯେତେବେଳେ ସଂସାର ଦୋହଲି ଯାଏ କେହି ବି ଆନନ୍ଦ ପାଇ ନଥାନ୍ତି। ହୁଏତ ପ୍ରତିପକ୍ଷର କିଛି କ୍ଷତି ପାଇଁ କେହି ବି କିଛି କରିପାରନ୍ତି, ତା'ମାନେ ତ ଜୀବନ ନୁହେଁ ନା। ଜଗତସିଂହପୁରର ଏକ ଅଖ୍ୟାତ ଗାଁରେ ମୋର ଜନ୍ମ, ମୋ ବାପା ଯେଉଁପରି ସମ୍ମାନନୀୟ ଓ ଆଦରଣୀୟ ସମାଜ ସାମ୍ନାରେ, ମୁଁ ଏହାକୁ ଲେଖିବା ପାଇଁ ଉଚିତ ମନେକରୁନି। ହେଲେ ତାଙ୍କ ପ୍ରେରଣା, ଆଦର୍ଶ, ଆଶୀର୍ବାଦ ଓ ବଚନିକା ମୋ ତମାମ ଜୀବନ ପାଇଁ କାଳଜୟୀ।

ଜୀବନର ଏକ ବଡ଼ ସନ୍ଧୀକ୍ଷଣ ଭିତରେ ମୁଁ ଏବେ ଛିଡ଼ା ହୋଇଛି। ଜୀବନକୁ ନିର୍ବାହ କରିବା ପାଇଁ ସର୍ବନିମ୍ନ ଭାଗବତ ଚେତନା କ'ଣ ପାପ? ମୁଁ କହିବି ଆଦୌ ତ ନୁହଁ, ଜୀବନ ଭଗବାନଙ୍କ ଦୃଷ୍ଟିକୋଣରେ କେଉଁମାନଙ୍କୁ ତିଆରି କରିବେ ସେ ଉତ୍ତର ମୋ ପାଖରେ ନାହିଁ। ହେଲେ ଯେଉଁମାନଙ୍କୁ ଆମେ ଆମ ଛୋଟିଆ ସଂସାର ଭିତରେ ଗ୍ରହଣୀୟ କରିଛୁ, ଅନ୍ତତଃ ସେମାନଙ୍କ ସ୍ନେହ, ସେବା, ଭଲ ପାଇବା ଯଦି ଆମ ପାଇଁ ପ୍ରାପ୍ୟ ନୁହେଁ, ତାହାଲେ ତ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିବ।

ମୋ ବର୍ତ୍ତମାନ ଜୀବନ, ଅନେକ ଆହ୍ୱାନଭରା। ମାଆଟି ମୋ ପାଖରେ, ତାର ବି ନିୟମିତ ଦେହ ଖରାପ। ଏ ସବୁ ଭିତରେ ବାପା ବୋଉଙ୍କୁ ନେଇ ହାତରୁ ଖର୍ଚ୍ଚ କରି ଯେଉଁ ଅନୁଷ୍ଠାନଟି ଗଢ଼ିଛି ମୋ ପାଇଁ ଶାନ୍ତିପ୍ରଦ ହୁଏତ କାହାଙ୍କ ପାଇଁ କଷ୍ଟପ୍ରଦ? ଅନୁଷ୍ଠାନ ପାଇଁ ବଡ଼ଭାଇ, ବଡ଼ଭାଉଜ ସେମାନଙ୍କ ସହଯୋଗ ମୋ ପାଇଁ କୋଟି ପୁଣ୍ୟ। ଆଜିକା ସମୟରେ ମୋ ବାପାଙ୍କ ପରି ଜଣେ ଲୋକଙ୍କୁ ମୁଁ ପାଉନି, ମୋ ବାପା ଜଣେ ଧର୍ମାଢ଼୍ୟ, ବାହୁବଳୀ, ଶକ୍ତିଶାଳୀ ଲୋକ ନଥିଲେ। କିନ୍ତୁ ସେ ଥିଲେ ଏକ ଆଦର୍ଶର ଚେତନା। ଜୀବନର ପ୍ରତିଟି ମୁହୂର୍ତ୍ତରେ ବାପାଙ୍କ କଥା ମୁଁ ଭାବେ, ବାପା-ମାଆଙ୍କ ଅମ୍ଳାନ ସ୍ମୃତିକୁ ନେଇ ଏକ ସଂସ୍ଥା ମୋ ଭାଇ-ଭାଉଜ ଏବଂ ମୋର ଛୋଟିଆ ଗୁଣ୍ଡିଚି ମୂଷା ଦାୟିତ୍ୱ ଭିତରେ ଖୋଲିଛି ଅନୁଷ୍ଠାନଟି। 'ଚମ୍ପାନାରାୟଣ ଚାରିଟେବଲ୍ ଟ୍ରଷ୍ଟ' ଏହି ମାଧ୍ୟମରେ ସମାଜର କଲ୍ୟାଣ ପାଇଁ ମୋ ସୀମିତ ଦାୟିତ୍ୱ ଭିତରେ ଯେତିକି ପାରୁଛି ମୁଁ ନିର୍ବାହ କରୁଛି।

ଭାଗବତ ଟୁଙ୍ଗୀ, ଗାଦିଗୋସେଇଁଙ୍କୁ ନେଇ କଟକର ଶେଷ ମୁଣ୍ଡରେ ଥିବା ଧବଳେଶ୍ୱରଗଡ଼ାରେ ମୁଁ ବଞ୍ଚୁଛି, ଏହି ଦୁଇଟି ଅନୁଷ୍ଠାନ ଗଢ଼ିବା ଭିତରେ ଅନେକ ପ୍ରତିକୂଳ, ଅନେକ ସମସ୍ୟା, ଅନେକ ଆହ୍ୱାନ, ଅନେକ କଷ୍ଟ ସବୁ କିଛି କି ସହି ମୁଁ ଭାବେ ମୋ ବାପା-ମାଙ୍କ ମୁହଁକୁ ଦେଖି। ଏ ସଂଗଠନ ତୁଲାଇବା ପାଇଁ ଧବଳେଶ୍ୱରଗଡ଼ାର ଅନେକ ଭାଇ ଭଉଣୀ ଆଗେଇ ଆସିଛନ୍ତି, ହାତ ମିଶେଇଛନ୍ତି ସେମାନଙ୍କ ପାଖରେ ବହୁତ ବଡ଼ କୃତଜ୍ଞ। ଜୀବନର ସମାଜ ସେବା କ୍ଷେତ୍ରରେ ଭାବିଲା ବେଳକୁ ଅର୍ଥ, ଦାୟିତ୍ୱ ସମ୍ପାଦନା, ଯୋଗାଯୋଗ, ନୀତି ନିର୍ଦ୍ଧାରଣ ଏହିପରି ଅନେକ ଆହ୍ୱାନ ଆସିଥାଏ। ହେଲେ କରୁଣାମୟ ଭଗବାନ ସେ ଦାୟିତ୍ୱ ସବୁକିଛିକୁ ନିର୍ବାହ କରି ସେ ହିଁ ସମ୍ପାଦନା କରିଛନ୍ତି। ହଁ, ଗୋଟିଏ କଥା କହୁଛି। ମଣିଷ ଯେତେବେଳେ ବଞ୍ଚେ ସେ ସ୍ତ୍ରୀ-ପିଲାଙ୍କୁ ଛାଡ଼ି ହୁଏତ କେହି ତାଙ୍କ ପାଇଁ ଜଣେ ସାନଭାଇ, ଅମୃତତୁଲ୍ୟ ବନ୍ଧୁ ଆସିପାରନ୍ତି। ଏହା ହିଁ ଜୀବନର ବଡ଼ ସତ୍ୟ, କେଜାଣି କାହିଁକି ମୋତେ ଅନେକ ବୁଝିପାରନ୍ତିନି, ଯେଉଁଠି କାହାଙ୍କର ବିନ୍ଦୁଏ ମାତ୍ର କ୍ଷତି ମୁଁ ଚାହିଁ ନଥାଏ, ଜୀବନଟା କ'ଣ ଏହିପରି? ସାମାଜିକ ନିତିଦିନିଆ ଜୀବନ ଭିତରେ ଆମ ସମସ୍ତଙ୍କ ପାଇଁ ଆହ୍ୱନ ଅଛି, ହେଲେ ଭାଇ ଟିକିଏ ଚିନ୍ତା କରନ୍ତୁ ଆମେମାନେ କିପରି ଏହି କାଳଖଣ୍ଡରୁ ବର୍ତ୍ତିବା? ଭଗବାନ ଆମ ସମସ୍ତଙ୍କୁ କଲ୍ୟାଣ କରନ୍ତୁ, ଏହା ହିଁ ମୋର ଛୋଟିଆ ପ୍ରାର୍ଥନା।

ମୁଁ ଅନ୍ତତଃ ଜଣେ ବଡ଼ ଲୋକ ନୁହଁ, ଧନବାନ ନୁହେଁ, ପ୍ରତିପତ୍ତି, ବାହୁବଳୀର ସାମାନ୍ୟ କ୍ଷମତା ମୋ ପାଖରେ ହିଁ ନାହିଁ। ସବୁବେଳେ ମୁଁ ଭାବେ ମୋ ପରଲୋକ ପିତା ଯାହା କହିଥିଲେ, ସବୁବେଳେ ସମାଜର ସେବା ପାଇଁ ତୁ ନିଜକୁ ପାରୁ ପର୍ଯ୍ୟନ୍ତ ଉତ୍ସର୍ଗୀକୃତ କରିବୁ, ମୁଁ ନିଶ୍ଚିନ୍ତ ଖୁସି ହେବି ସେହି ପରଲୋକରେ। ଆଜି ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟର ଦାୟିତ୍ୱ ନିର୍ବାହ ପାଇଁ ମୋ ମାଆ ଚମ୍ପା ଓଝା ସେ ହିଁ ବଡ଼ ସମ୍ପତ୍ତି, ବଡ଼ ଆଶୀର୍ବାଦ, ବଡ଼ ପ୍ରେରଣା। ମାଆ, ସବୁ କାର୍ଯ୍ୟକ୍ରମରେ ସାମିଲ ହୁଏ। ମାଆ, ବଡ଼ଭାଇ ଭଉଣୀ, ଶୁଭେଚ୍ଛୁ ମାନଙ୍କ ଆଶୀର୍ବାଦ ପାଇଁ ଏହି ଅନୁଷ୍ଠାନ ଲୋକଲୋଚନକୁ ନ ଯାଇ ବି କିଛି ହୁଏତ ସମାଜ ସେବା କରୁଛି, ଏହା ହିଁ ଥିଲା ମୋ ବାପାଙ୍କର ବଡ଼ ବଚନ। ଆସନ୍ତୁ ଭାଇ-ଭଉଣୀମାନେ। ଦୁନିଆର କଲ୍ୟାଣ ପାଇଁ ଯେତିକି ପାରିବା, କିଛି ତ କରିବା। ଜୀବନ ଯେତେବେଳେ ବାହୁଡ଼ି ଯାଏ ସେ ନେଇଥାଏ 'ଯଶ'। ଆସନ୍ତୁ ଆମେ ସମସ୍ତେ ଏହି ଯଶ ପାଇଁ ପ୍ରସ୍ତୁତ ହେବା, ଯେତିକି ପାରିବା ଏହି ସମାଜ ପାଇଁ, ସମାଜର କଲ୍ୟାଣ ପାଇଁ ନିଶ୍ଚିନ୍ତ କିଛି କରିବା। ଓଁ ନମୋ ଭଗବତେ ବାସୁଦେବାୟ...।

ଆବାହକ, ଚମ୍ପାନାରାୟଣ ଚାରଟେବଲ ଟ୍ରଷ୍ଟ, ଧବଳେଶ୍ୱରଗଡ଼ା, କଟକ, ଦୂରଭାଷ : ୯୨୩୮୬୦୨୮୨୫

# ମର୍କତନଗର ଓ ଅଣଓଡ଼ିଆ ଆଇଏଏସ ପ୍ରଥମ ସୂତ୍ରଧର

ବିକ୍ରମ ମହାପାତ୍ର

କେଉଁ ସ୍ମରଣାତୀତ କାଳରୁ ମହାନଦୀ ଓ କାଠଯୋଡ଼ି ମଧ୍ୟସ୍ଥ ତ୍ରିଭୁଜାକାର ଉର୍ବର ସମତଳ ଭୂମି ଉପରେ ଗଢ଼ି ଉଠିଥିଲା ସମାକୀର୍ଣ୍ଣ ଜନପଦଟି ଲମ୍ବିଛି ସିଡ଼ିଏର ନରାଜ ପର୍ଯ୍ୟନ୍ତ। କଟକକୁ ଅନେକ ହଜାର ବର୍ଷର ସହର ବୋଲି କହିଥାନ୍ତି। କଟକର ଅର୍ଥ ରାଜଧାନୀ, ନଗର, ପୁର, ବା ସ୍ଥାନକୁ ବୁଝାଏ। ପୁରୁଣା କଟକିଆଙ୍କ ଆଖି ସାମ୍ନାରେ ହିଁ ତିଆରି ହୋଇଛି ମର୍କତ ନଗର ଯାହାକୁ କଟକ ଡେଭଲପମେଣ୍ଟ ଅଥରିଟି ଅଧୀନରେ ପରିଚାଳନା କରାଯାଉଛି। ମର୍କତ ନଗର କଥା ଭାବିଲାବେଳକୁ ଅଶୀଦଶକର ଏକ କଥା ମନେ ପଡୁଛି। ମର୍କତ ନଗରର ନିର୍ମାଣ ପାଇଁ ଏହାର ବଡ଼ ଚିନ୍ତାନାୟକ ଥିଲେ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ। ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ତାଙ୍କୁ ସୁପରି ଚିଫ ମିନିଷ୍ଟର କୁହାଯାଉଥିଲା। ସେତେବେଳେ ଆଜିର ମର୍କତ ନଗରଟି କାଜୁ ଜଙ୍ଗଲ, ବାଲି ଓ ଅନାବନା ଛୋଟବଡ଼ ଗଛରେ ପରିପୂର୍ଣ୍ଣ। ହେଟା ବିଲୁଆମାନେ ଦିନରେ ବି ରାଜୁତି କରୁଥିଲେ। କୁହାଯାଏ ଯେତେବେଳେ ମର୍କତ ନଗର ଗଠନ ହୋଇ ପ୍ଲଟିଂ ଭାବେ ସରକାର ବିକ୍ରି ଆରମ୍ଭ କଲେ ଅନେକ ମୂଳ କଟକିଆ ଏକ ପ୍ରକାର ହସୁଥିଲେ। ବାଲିଗଦା ଉପରେ କେଉଁଠି ସହର ଗଢ଼ି ହୁଏ? କିନ୍ତୁ ଆଜିର ମର୍କତ ନଗର ହେଉଛି କଟକର ଅନ୍ୟତମ ସମ୍ଭ୍ରାନ୍ତ ଅଞ୍ଚଳ। ସରକାର ପର୍ଯ୍ୟାୟକ୍ରମେ ଲୋକମାନଙ୍କୁ ପ୍ଲଟ ବିକ୍ରି କରିଥିଲେ। ସର୍ବପ୍ରଥମେ ସେକ୍ଟର-୬ଅଞ୍ଚଳରେ କିଛି ଲୋକ ପ୍ରଥମେ ପ୍ରଥମେ ଘର ନିର୍ମାଣ କରିଥିଲେ ମଧ୍ୟ ଚାରିଆଡ଼େ ଖୋଲାମେଲା ସବୁ ଥିବାରୁ ଏବଂ ସେତେବେଳେ ରିଂରୋଡ଼ରେ ଭଲ ରାସ୍ତା ଓ ବିଜୁଳିର ବ୍ୟବସ୍ଥା ହୋଇନଥିଲା। ଅନେକ ସମୟରେ ଛୋଟମୋଟର ଚୋରୀ ମଧ୍ୟ ହେଉଥିଲା। କିନ୍ତୁ ଆଜିର ମର୍କତ ନଗର ସମ୍ପୂର୍ଣ୍ଣ ଭାବେ ଚାକଚକ୍ୟ ଓ ଉତ୍ତମ ଯୋଗାଯୋଗ ବ୍ୟବସ୍ଥାକୁ ନେଇ ଗଠିତ, ପ୍ରାୟ ସବୁ ଅଞ୍ଚଳକୁ ସରକାରଙ୍କ ମୋ ବସ ମଧ୍ୟ ଯିବା ଆସିବା କରୁଛି। ଅନେକ ସରକାରୀ ଓ ଗୁରୁତ୍ୱପୂର୍ଣ୍ଣ ବେସରକାରୀ ପ୍ରତିଷ୍ଠାନ ଖୋଲିବା ସହ ସରକାର ଏବେ ସେକ୍ଟର-୧୩ ଓ ପରବର୍ତ୍ତୀ ପ୍ଲଟକୁ ବିକଶିତ କରୁଛନ୍ତି।

ମର୍କତନଗର ନିର୍ମାଣ ହେବା ପୂର୍ବରୁ ସିଡ଼ିଏର ଉପାଧ୍ୟକ୍ଷ ଥିଲେ ଜଣେ ଅଣ ଓଡ଼ିଆ ଆଇଏଏସ୍ ଅଫିସର ସନ୍ତୋଷ କୁମାର। ସେ ଥିଲେ ଜଣେ ଅଣଓଡ଼ିଆ ଅର୍ଥାତ୍ ପଞ୍ଜାବୀ। ଯେତେବେଳେ ସିଡ଼ିଏର ଉପାଧ୍ୟକ୍ଷ ହୋଇ କଟକ ଆସିଲେ ସେତେବେଳକୁ ଆଜିର ମର୍କତ ନଗର ନିର୍ମାଣ ହୋଇନଥିଲା। ସେତେବେଳେ ଖାଲି ଜଙ୍ଗଲ ଏବଂ ବାଲି ଭର୍ତ୍ତି ହୋଇ ରହିଥିଲା। ସେସମୟରେ ମହାନଦୀ ଏବଂ କାଠଯୋଡ଼ିନଦୀରେ ଅନେକ ସମୟରେ ଛୋଟବଡ଼ ବନ୍ୟା ଆସୁଥିଲା। ୧୯୮୨ରେ ମହାନଦୀ ଏବଂ କାଠଯୋଡ଼ି ନଦୀରେ ପ୍ରଳୟଙ୍କାରୀ ବନ୍ୟା ଆସିଥିଲା। କଟକ ସହର ଭିତରକୁ କିଛି ଜାଗାରେ ବନ୍ୟା ଜଳ ପଶି ଆସିଥିଲା। ଥରେ ବନ୍ୟା ସମୟରେ ସିଡ଼ିଏର ଉପାଧ୍ୟକ୍ଷ ଥିବା ସନ୍ତୋଷ କୁମାର କଟକ ବୁଲି ବନ୍ୟା ପରିସ୍ଥିତି ନିରୀକ୍ଷଣ କରୁଥିଲେ। ମହାନଦୀ ଏବଂ କାଠଯୋଡ଼ି ନଦୀରେ ବଡ଼ ବନ୍ୟା ସମୟରେ ଯୋବ୍ରା କାଳିଆବୁଦା ଏବଂ ପୁରୀଘାଟରୁ ଖାନନଗର ପର୍ଯ୍ୟନ୍ତ ନଦୀ ବନ୍ଧ ବନ୍ୟା ଜଳରେ ବୁଡ଼ିବା ଅବସ୍ଥାକୁ ଆସିଯାଉଛି କିନ୍ତୁ କାଠଯୋଡ଼ି ନଦୀ ପଠା ବନ୍ୟା ସମୟରେ ବି ବୁଡୁନାହିଁ ବୋଲି ଦେଖିବାକୁ ପାଇଥିଲେ।

ତେଣୁ ବଡ଼ ବନ୍ୟା ସମୟରେ ଯୋବ୍ରା କାଳିଆବୁଦା, ପୁରୀଘାଟ, ଖାନନଗର ଆଦି ଅଞ୍ଚଳରେ ବନ୍ୟା ଜଳ କଟକ ସହରର ମୁଣ୍ଡ ଉପରେ ଦେଖିବାକୁ ପାଇଥିଲେ। ତେଣୁ ବଡ଼ ବନ୍ୟା ସମୟରେ ଯୋବ୍ରା, କାଳିଆବୁଦା, ପୁରୀଘାଟ, ଖାନନଗର ଅଞ୍ଚଳରେ ବନ୍ୟା ଜଳ କଟକ ସହରର ମୁଣ୍ଡରେ ରହୁଥିବା ବେଳେ କାଠଯୋଡ଼ିର ଏହି ବିରାଟ ନଦୀପଠା କାହିଁକି ବୁଡୁ ନାହିଁ ତାହାର କାରଣ ଖୋଜିଥିଲେ। ବଡ଼ ବନ୍ୟା ସମୟରେ ଯୋବ୍ରା, ଖାନନଗର ବେଲଭ୍ୟୁ ଏବଂ ନରାଜ ଆଦି ଅଞ୍ଚଳରେ କେତେ ଫୁଟ ଉଚ୍ଚତାରେ ବନ୍ୟା ଜଳ ପ୍ରବାହିତ ହେଉଛି ପ୍ରାଥମିକ ସ୍ତରରେ ତାହାର ହିସାବ ସଂଗ୍ରହ କଲେ। ଏଥିରୁ ସେ ଜାଣିବାକୁ ପାଇଲେ ଯେ ଉପରୋକ୍ତ ଜାଗାମାନଙ୍କ ଠାରୁ କାଠଯୋଡ଼ି ନଦୀ ପଠା ବା ଆଜିର ମର୍କତନଗର କଡ଼ ଦେଇ କ ଉଚ୍ଚରେ ବନ୍ୟା ଜଳ ନିଷ୍କାସିତ ହେଉଛି। ତେଣୁ ଏହି ନଦୀପଠାର ସୁରକ୍ଷା ବ୍ୟବସ୍ଥା କରାଗଲେ ଏଠାରେ ବଡ଼ ଜନବସତି ସୃଷ୍ଟି ହୋଇପାରିବ ବୋଲି ଚିନ୍ତା କରିଥିଲେ। ତାପରେ ସେ ପ୍ରଥମେ ବେଲଭ୍ୟୁ ଛକରୁ ନରାଜ ଯାଏ ନଦୀ ଏବଂ ପଠା କଡ଼େ କଡ଼େ ଏକ ବିଲର ହିଡ ସଦୃଶ ଛୋଟ ବନ୍ଧ ତିଆରି କରାଇଥିଲେ। ଯାହାକି କେବଳ ବାଲିରେ ତିଆରି ହୋଇଥିଲା। ସମୟ କ୍ରମେ ସେହି ନଦୀ ବନ୍ଧର ଉନ୍ନତି କରାଯାଇ ତାହା ଆଜି ପକ୍କା ରାସ୍ତାରେ ପରିଣତ ହୋଇଛି। ବନ୍ଧ ତିଆରି ପରେ ସମୁଦାୟ ଜାଗାକୁ ଛୋଟ ପ୍ଲଟ ଆକାରରେ ଲୋକଙ୍କୁ ଯୋଗାଇ ଦିଆଗଲା।

ଅନେକ ହୁଏତ ଜାଣିନଥିଲେ ଆଜି ଯେଉଁଠି ମର୍କତ ନଗର ଗଢ଼ି ଉଠିଛି ଦିନେ ସେଠିଥିଲା ସରକାରଙ୍କ ଓୟୁଏଟିର ଉନ୍ନତମାନର ଫାର୍ମ ହାଉସ। ୧୯୭୦ ଦଶକର କଥା। ସେତେବେଳେ ପୁରୁଣା କଟକ ସହରର ଶେଷ ଭାଗ ଥିଲା ଚହଟା। ଗୋଟିଏ ପଟେ ବେଲଭ୍ୟୁ ଛକରୁ ନରାଜ ଯାଏ, ଅନ୍ୟ ପଟେ ଚହଟା ଠାରୁ ଧବଳେଶ୍ୱର ଗଡ଼ା ଦେଇ ମହାନଦୀ କଡ଼େ କଡ଼େ ନରାଜ ପର୍ଯ୍ୟନ୍ତ ଏକ ବିରାଟ ଭୂଖଣ୍ଡ ଖାଲି ପଡ଼ିଥିଲା। ସେତେବେଳେ କିମ୍ବଦନ୍ତୀ ରାଜନେତା ବିଜୁ ପଟ୍ଟନାୟକ କଟକରେ ରହୁଥିଲେ। ସେ ଅନେକ ବାର ଏହି ପଠାକୁ ଆସିଥିଲେ ବୁଲିବା ପାଇଁ। ସେତେବେଳେ ଏହି ପଠାରେ ବିଭିନ୍ନ ପ୍ରକାର କୋଳି, ପିଜୁଳି, ଆମ୍ବ ଫଳୁଥିଲା। ବିଜୁ ପଟ୍ଟନାୟକ ଏଠାରେ ବୁଲାବୁଲି କରିବା ବେଳେ ଚିନ୍ତା କରିଥିଲେ ଯେ ଏଠାରେ କେବଳ ମନକୁ ଉଠିଥିବା ଗଛରେ ଯଦି ଏତେ ସୁନ୍ଦର ଫଳ ଫଳି ପାରୁଛି ତେବେ ଚାଷ ପଦ୍ଧତିରେ ଗଛ ଲଗାଯାଇ ପାରିଲେ ଲୋକେ ଉପକୃତ ହେବା ସହ ସରକାର ବି ରାଜସ୍ୱ ପାଇପାରିବେ।

ସେ ସମୟରେ ବୈଷୟିକ ଜ୍ଞାନକୌଶଳ ଏତେଟା ଉନ୍ନତି କରିନଥିଲା। ତେଣୁ ଏଠାରେ ଥିବା ଏତେ ବଡ଼ ନଦୀପଠାରେ କିପରି ଚାଷ କରାଯାଇପାରିବ ଏନେଇ ସେ ଓୟୁଏଟି ସହିତ ଆଲୋଚନା କରିଥିଲେ। ଓୟୁଏଟିର କୃଷି ବିଶାରଦମାନେ ପହଞ୍ଚି ସ୍ଥିତି ଦେଖିବା ପରେ ଏଠାରେ ଏକ ଫାର୍ମହାଉସ କରିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ତାପରେ ଫାର୍ମ ନିର୍ମାଣ କାମ ଆରମ୍ଭ କରାଗଲା। ଫାର୍ମହାଉସର ଚାରି ପଟେ ତାର ଜାଲି ଲଗାଇ ଦିଆଗଲା। ଫାର୍ମ ହାଉସ ଭିତରେଜଳ ସେଚନ ନିମନ୍ତେ ତିନୋଟି ବଡ଼ ପମ୍ପ ହାଉସ ନିର୍ମାଣ ହେଲା। ତାପରେ ସତୀଚଉରା ଛକ ନିକଟରୁ ଏଠାକୁ ବିଦ୍ୟୁତ ତାର ଟଣା ଯାଇ ସଂଯୋଗ କରାଯାଇଥିଲା। ଏହି କାମ ପରେ ଏଠାରେ ବିଭିନ୍ନ ପନିପରିବା ଚାଷ କରାଗଲା। ଆମ୍ବ, କାଜୁ, ସେପେଟା, ପିଜୁଳି ଆଦି ଫଳ ଗଛ ଲଗାଗଲା। ତାହାକୁ ବାହାର ବଜାରରେ ବିକ୍ରି କରି ସରକାର ଲାଭବାନ ହୋଇଥିଲେ। ଏପରି ଧାରା ୧୯୮୦ମସିହା ପର୍ଯ୍ୟନ୍ତ ଚାଲିଲା। ସିଡ଼ିଏ ନିର୍ମାଣର ପରିକଳ୍ପନା ପରେ ଫାର୍ମ ହାଉସ ବନ୍ଦ କରିଦିଆଗଲା।

କଟକ ସର୍ବୋପରି ମର୍କତ ନଗରର ସମାଜ ଜୀବନର ଅନେକ ସୁଖଦୁଃଖ, ହସ, ବିଶାଦ, ଅଶ୍ରୁକାରୁଣ୍ୟ ରହିଛି। ପରମ୍ପରା ଓ ସଂସ୍କୃତି ହେଉଛି କଟକିଆ ଭାଇଚାରା। ଆଜିର କଟକ ସହର ଯେପରି ହଜାର ବର୍ଷର ସମାଜ ଜୀବନ ଉପରେ ଉଭା ହୋଇଛି ଠିକ ସେହିପରି ମର୍କତ ନଗର ମଧ୍ୟ ଚଳଚଞ୍ଚଳ ଓ ଅନେକ ପ୍ରାୟତଃ କଟକ ବାହାରର ବାସିନ୍ଦାମାନେ ମର୍କତ ନଗରକୁ ନିଜ ଠିକଣା ଭାବେ ଗ୍ରହଣ କଲେଣି।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ଦୂରଭାଷ :୯୪୩୭୦୨୧୬୧୫

# ମନଓ୍ୱର ଅଲ୍ଲୀଙ୍କ ସପ୍ତମ ଦିନ ଅନଶନକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମର୍ଥନ



ଭୁବନେଶ୍ୱର,୨୭/୮:: ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସହ ୬ ଦଫା ଦାବୀରେ ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡ଼ି ମନଓ୍ୱର ଅଲ୍ଲୀଙ୍କ ଅନଶନ ଆଜି ସପ୍ତମ ଦିବସରେ ପହଞ୍ଚିଛି । ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ଉପଦେଷ୍ଟା ମଧୁମିତା ସାମଲ ସହିତ, ଅମିତ ଜେନା, ସ୍ମୃତି ରଂଜନ ସାମଲ, ଏସ.କେ ହେଦାଇ ବିରୋଧି ଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ କରି ୬ ଦଫା ଦାବୀ ପତ୍ର ପ୍ରଦାନ କରିବା ସହ ସମର୍ଥନ ଲୋଡ଼ିଥିଲେ । ଶ୍ରୀ ପଟ୍ଟନାୟକ ମନଓ୍ୱର ଅଲ୍ଲୀଙ୍କ ସପ୍ତମ ଦିନ ଅନଶନକୁ ସମର୍ଥନ ଜଣାଇବା ସହ ସଂଗଠନର ଦାବୀ ପତ୍ରକୁ ଆଗାମୀ ବିଧାନସଭା ଅଧିବେଶନରେ ଏହି ୬ ଦଫା ଦାବୀ ଉପସ୍ଥାପନା କରିବେ ବୋଲି ପ୍ରତିଶୃତି ଦେଇଥିଲେ ଏବଂ ବିଜୁ ଜନତା ଦଳର ଏକ ଟିମ୍ ମନଓ୍ୱର ଅଲ୍ଲୀଙ୍କ ଅନଶନ ସ୍ଥଳକୁ ଯାଇ ଆଲୋଚନା କରିବେ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଆଗାମୀ ୨୭ ତାରିଖର ୪ଟା ସମୟରେ ଛାତ୍ରଛାତ୍ରୀଙ୍କର ଭୁଲ୍ ପାଠ୍ୟ ପୁସ୍ତକ ସରକାରଙ୍କୁ ଫେରସ୍ତ କରିବା ପାଇଁ ଏକ କାର୍ଯ୍ୟକ୍ରମ ଲୋୟର ପିଏମଜିରେ ଜାରି ରଖିବା ପାଇଁ ସଂଗଠନର ପକ୍ଷରୁ ନିଷ୍ପତି ନିଆଯାଇଛି । ଆଜି ଏସ୍. କେ. ହେଦାଇଙ୍କ ନେତୃତ୍ୱରେ ଶତାଧିକ ଯୁବକ ମନଓ୍ୱର ଅଲ୍ଲୀଙ୍କୁ ସମର୍ଥନ ଦେବା ପାଇଁ ଅନଶନ ସ୍ଥଳୀରେ ପହଞ୍ଚିଥିଲେ ।

ଆଜି ଅନଶନର ସପ୍ତମ ଦିବସରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ସଭାପତି ତପନ ମିଶ୍ର, ଢେଙ୍କାନାଳ ସଭାପତି ଅଶ୍ୱିନୀ ଜେନା, ପ୍ରଫୁଲ ପରିଡ଼ା, ଗଞ୍ଜାମ ଯୁବ ନେତା କୃଷ୍ଣ ନାହାକ, ଗଣେଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଶହେ ବର୍ଷ ତଳେ ବନ୍ୟା ନିକଟରେ ରାଜ୍ୟବାସୀ ଯେତିକି ଅସହାୟ - ଆଜିବି ସେତିକି ଅସହାୟ :ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)




ଭୁବନେଶ୍ୱର,୨୭/୮: ସାମ୍ପ୍ରତିକ ବନ୍ୟା ପରିସ୍ଥିତି ଅଭୁତପୂର୍ବ କ୍ଷୟକ୍ଷତି ସାଧନ କରିଛି, କ୍ଷତିଗ୍ରସ୍ତ ଜନସାଧାରଣ ଅତ୍ୟନ୍ତ ଦୟନୀୟ ପରିସ୍ଥିତି ମଧ୍ୟରେ କାଳାତିପାତ କରୁଛନ୍ତି ଓ ବନ୍ୟା ପରିସ୍ଥିତି ମୁକାବିଲା କ୍ଷେତ୍ରରେ ସରକାରଙ୍କ ଅପରାଧୀ ସୁଲଭ ଅବହେଳା କରୁଛନ୍ତି ବୋଲି ଆଜି ସ୍ଥାନୀୟ ଲୋହିଆ ଏକାଡେମୀ ଠାରେ ଏସ୍. ୟୁ.ସି.ଆଇ(କମ୍ୟୁନିଷ୍ଟ) ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏହି ସଙ୍ଗୀନ ଅଭିଯୋଗ ଅଣାଯିବା ସଙ୍ଗେ ସଙ୍ଗେ ଏହାର ସ୍ଥାୟୀ ପ୍ରତିକାର କରିବା ପାଇଁ ଦୃଢ ଦାବୀ କରାଯାଇଛି ।

ସାମ୍ବାଦିକ ସମ୍ମୀଳନୀରେ ଦାବୀ କରାଯାଇଛି ଯେ ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟରେ ୪ଦଫା ବନ୍ୟା ଆସିବା ଫଳରେ ୫ଟି ପ୍ରମୁଖ ଜିଲ୍ଲା ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡାରେ ୬୮ଟି ବ୍ଲକ୍, ୧୭୩ଟି ଗ୍ରାମପଞ୍ଚାୟତ, ୩୦୭ଟି ଗ୍ରାମର ୪,୯୫,୫୫୯ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ମାତ୍ର ବାସ୍ତବତାର ଚିତ୍ର ଏହି ସଂଖ୍ୟାର ବହୁ ଗୁଣରୁ ଅଧିକ । ଏତତ୍ ବ୍ୟତୀତ ଲକ୍ଷ ଲକ୍ଷ ଗୃହପାଳିତ ପଶୁ ଅତ୍ୟନ୍ତ ବିପନ୍ନ ଅବସ୍ଥାରେ ପଡିଛନ୍ତି । ଲକ୍ଷାଧିକ ଘର ବନ୍ୟା ଦ୍ୱାରା ଭାଙ୍ଗି ଯାଇଛି ଅଦ୍ୟାବଧି ଗୃହଶୂନ୍ୟ ହୋଇ ରାସ୍ତା ଓ ଗଛ ମୂଳେ ଭୋକ ଉପାସରେ ପିଲା ଛୁଆକୁ ଧରି ଖରା ବର୍ଷା ମଧ୍ୟରେ ଦିନ କାଟୁଛନ୍ତି । ଅନେକ ଲୋକ ମୃତ୍ୟୁବରଣ କରିଛନ୍ତି, ଲକ୍ଷ ଲକ୍ଷ ହେକ୍ଟର ଚାଷ ଜମି ସମ୍ପୂର୍ଣ୍ଣଭାବେ ଜଳ ମଗ୍ନ ହେବା ଦ୍ୱାରା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି, ଜମି ବାଲିଚ଼ର ହୋଇଯାଇଛି, ଧାନ ତଳି ନଷ୍ଟ ହୋଇଛି, ଅତ୍ୟଧିକ ଜଳ ପ୍ଲାବନ ହେତୁ ବୁଣାଧାନ, ପନିପରିବା ଯାହାକି ଚ଼ଳିତ ଖରିଫ୍ ଋତୁରେ ଆଣି ଫସଲ ଅମଳର କୌଣସି ସମ୍ଭାବନା ନାହିଁ । ଆଜି ବି ବନ୍ୟାର ୨୦ ଦିନ ପରେ ଜଳ ସମ୍ପୂର୍ଣ୍ଣ ଛାଡି ଯାଇ ନଥିବାରୁ ଲକ୍ଷ ଲକ୍ଷ ଲୋକ ଜଳବନ୍ଦି ଅବସ୍ଥାରେ ପଡି ରହିଛନ୍ତି । ଖାଦ୍ୟ ନାହିଁ, ବିଶୁଦ୍ଧ ପାନୀୟ ଜଳ ନାହିଁ, ଚ଼ାରିଆଡେ ପଚ଼ା ଆବର୍ଜନାମୟ ପରିସ୍ଥିତି ସୃଷ୍ଟି ହୋଇ ବିଭିନ୍ନ ଜଳବାହୀତ ସଂକ୍ରାମକ ରୋଗ ଜନଜୀବନକୁ ଅତିଷ୍ଠ କରିବାରେ ଲାଗିଛି । ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ପରିମାଣର ରନ୍ଧା ଖାଦ୍ୟର ବନ୍ଦୋବସ୍ତ ନଥିବାରୁ ଛୋଟ ଶିଶୁ ଓ ବୃଦ୍ଧ ବୃଦ୍ଧାମାନଙ୍କ ସମେତ ଲକ୍ଷ ଲକ୍ଷ ଲୋକ ଖାଦ୍ୟାଭାବର ସମ୍ମୁଖୀନ ହେଉଛନ୍ତି । ମୂଲିଆ ଶ୍ରେଣୀର ଲୋକମାନଙ୍କ ପାଇଁ ଆଜି ବି କୌଣସି କାମ / ଧନ୍ଦା ନାହିଁ କି ଭବିଷ୍ୟତରେ ଅନେକ ମାସ ପର୍ଯ୍ୟନ୍ତ କୌଣସି କାମ ଦାମ ମିଳିବାର ସମ୍ଭାବନା ନାହିଁ । ବିପନ୍ନ ଲୋକଙ୍କ ଦ୍ୱାର ପାଖରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ସେବା ଓ ବିଭିନ୍ନ ବନ୍ୟା ଜନିତ ରୋଗର ପ୍ରତିକାରାତ୍ମକ ବ୍ୟବସ୍ଥା ପହଞ୍ଚି ନଥିବାରୁ ଅତ୍ୟନ୍ତ ହାହାକାରମୟ ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ଯୋଗୁ ଗମନାଗମନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡି ପଡିଛି । ଆଉ ଏକ ଉଦବେଗ ଜନକ ଘଟଣା ହେଉଛି ବିଭିନ୍ନ ସହରରେ ଏପରିକି ସ୍ମାର୍ଟ ସିଟିଗୁଡିକରେ ଉପଯୁକ୍ତ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ସହରାଞ୍ଚଳଗୁଡିକରେ ବନ୍ୟାଜନିତ ପରିସ୍ଥିତି ସୃଷ୍ଟି ହୋଇ ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି । ପାର୍ଟି ପକ୍ଷରୁ ସ୍ୱେଚ୍ଛାସେବୀମାନେ ବନ୍ୟାଞ୍ଚଳରେ ଖାଦ୍ୟ, ପାନୀୟ ଜଳ ଓ ମେଡିକାଲ ସୁବିଧା ପହଞ୍ଚାଇବା ପାଇଁ ନିଜର ସାଧ୍ୟମତେ ପ୍ରଚେଷ୍ଟା କରୁଥିବା ବେଳେ ଏହି ସମସ୍ୟାଗୁଡିକୁ ପ୍ରତ୍ୟକ୍ଷ କରିଛନ୍ତି । ଶହେ ବର୍ଷ ତଳେ ରାଜ୍ୟର ଜନସାଧାରଣ ବନ୍ୟା ହେଲେ ଯେଭଳି ଅସହାୟ ହେଉଥିଲେ ଆଜି ଅଧୁନିକ ଯୁଗରେ ମଧ୍ୟ ରାଜ୍ୟର ଜନସାଧାରଣ ବନ୍ୟା ନିକଟରେ ସେହି ପରି ଅସହାୟ । ଆଜିବି ଏହାର ସ୍ଥାୟୀ ସମାଧାନ ନିମନ୍ତେ କୌଣସି ପଦକ୍ଷେପ ନିଆଯାଇ ପାରିନାହିଁ ବୋଲି ପାର୍ଟି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି । ତେଣୁ ଆଜିର ସାମ୍ବାଦିକ ସମ୍ମିଳନୀରେ ବନ୍ୟା ଘେରରେ ରହିଥିବା ଓ କୌଣସି ସ୍ଥାନରେ ଆଶ୍ରୟ ନେଇଥିବା ଦୁର୍ଗତମାନଙ୍କ ନିମନ୍ତେ ପର୍ଯ୍ୟପ୍ତ ପରିମାଣର ଖାଦ୍ୟ, ପାନୀୟ, ମେଡିକାଲ ସୁବିଧା, ଅସ୍ଥାୟୀ ଆଶ୍ରୟ ଉପକରଣ, ପଶୁଖାଦ୍ୟ ପହଞ୍ଚାଇବା, ପ୍ରତ୍ୟେକ କ୍ଷତିଗ୍ରସ୍ତ ଚ଼ାଷୀ ଓ ଭାଗଚ଼ାଷୀମାନଙ୍କୁ ଏକର ପିଛା ଅନ୍ୟୁନ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବା, ମୁଲିଆ ମାନଙ୍କୁ କାମ ଯୋଗାଇ ଦେବା, ଘାଇ ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ବନ୍ୟା ଜଳ ନିଷ୍କାସନ ଓ ନିୟନ୍ତ୍ରଣ ପାଇଁ ସ୍ଥାୟୀ ବ୍ୟବସ୍ଥାର ମାଷ୍ଟର ପ୍ଲାନକରିବା, ସହରମାନଙ୍କରେ ଜଳବନ୍ଦୀ ସମସ୍ୟା ଦୂର କରିବା ପାଇଁ ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା କରିବା ପାଇଁ ଦୃଢ ଦାବୀ କରାଯାଇଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀକୁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ରାଜ୍ୟ ଅଫିସ ସମ୍ପାଦିକା ସ୍ୱୟଂପ୍ରଭା ନାୟକ, ସମ୍ପାଦକ ମଣ୍ଡଳୀର ସଭ୍ୟ ସଦାଶିବ ଦାସ, ବିଶ୍ୱାବସୁ ଦାସ ରାଜ୍ୟ କମିଟି ସଦସ୍ୟ ପୂର୍ଣ୍ଣଚ଼ନ୍ଦ୍ର ବେହେରା ପ୍ରମୁଖ ସମ୍ବୋଧିତ କରିଥିଲେ । ଏହି ସବୁ ଦାବୀରେ ଆସନ୍ତା ୨୯ ତାରିଖରେ ରାଜ୍ୟ ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ଓ ପରେ ପାର୍ଟି ପକ୍ଷରୁ ଜିଲ୍ଲା ସ୍ତରରେ ଆନ୍ଦୋଳନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଥିଲା ।

## ଉଦ୍ୟୋଗୀ ବିକାଶ ଅଭିଯାନ ଓ ଆଲୋଚ଼ନାଚ଼କ୍ର ଅନୁଷ୍ଠିତ




ଭୁବନେଶ୍ୱର,୨୭/୮:ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ଓଡିଶା ଉଦ୍ୟୋଗୀ ପରିବାରର ମାସିକ ସମୀକ୍ଷା ବୈଠକ ଅଧ୍ୟକ୍ଷ, ବିଶିଷ୍ଟ ଉଦ୍ୟୋଗୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱ ଶ୍ରୀକାନ୍ତ ଶେଖର ସାହୁ ଙ୍କ ସଂଯୋଜନାରେ ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି ମୁଖ୍ୟଅତିଥି ଭାବେ ବିଶ୍ୱ ଓଡ଼ିଆ ପରିବାରର ପ୍ରତିଷ୍ଠାତା ତଥା ବରିଷ୍ଠ ଭାଜପା ନେତା ସଜ୍ଜନ ଶର୍ମା,ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ଯୁବ ଉଦ୍ୟୋଗୀ ଅମିତାଭ ସ୍ୱାଇଁ ଉଦ୍ୟୋଗୀଙ୍କ ବିଭିନ୍ନ ସମସ୍ୟା, ସମାଧାନ ସହ ଓଡିଶା ଅନନ୍ତ ପ୍ରତିଭାର ଅଧିକାରୀ ବୋଲି ମତବ୍ୟକ୍ତ କରିଥିଲେ କ୍ଷ ସମସ୍ତ ଓଡ଼ିଆଙ୍କୁ ଏକତ୍ରିତ କରି ନିଷ୍ଠା, ପରିଶ୍ରମ ଓ ଉଦ୍ୟମ ଅବ୍ୟାହତ ରଖିଲେ ଉଦ୍ୟୋଗ ଶିଳ୍ପ ଆହୁରି ସମୃଦ୍ଧ ହୋଇ ପାରିବ ବୋଲି ମତ ରଖିବା ସହିତ ଯୌଥ ପରିବାରର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ କ୍ଷ ଉଦ୍ୟୋଗୀଙ୍କ ସମ୍ମାନ, ସୁରକ୍ଷା ସମୃଦ୍ଧି ଉପରେ ଅଧ୍ୟକ୍ଷ ଶ୍ରୀ ଯୁକ୍ତ ମିଶ୍ର ଗୁରୁତ୍ୱାରୋପ ସହ ପ୍ରତି ଉଦ୍ୟୋଗୀ ଜଣେ ଜଣେ ରାଷ୍ଟ୍ର ନିର୍ମାତା ବୋଲି ମତବ୍ୟକ୍ତ କରିଥିଲେ କ୍ଷ ବିଭିନ୍ନ ସ୍ଥାନରୁ ଆସିଥିବା ଉଦ୍ୟୋଗୀ ସମୂହ ନିଜ ନିଜ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ଉଦ୍ୟୋଗୀ ପରିବାର ସଦସ୍ୟ ଙ୍କ ସହିତ ଉଦ୍ୟୋଗୀ ସୀତାଂଶୁ ଶେଖର ମହାରଣା,ନୀଳୟକାନ୍ତ ନାୟକ, ବିପି ସିଂ ମନୋରଞ୍ଜନ ବାରିକ,ସତ୍ୟ ଜିତ ପରିଜା ପ୍ରମୁଖ ପରିଚ଼ାଳନା କରିଥିଲେ ।

## ବୈଷ୍ଣବ ସାମଲ ପାଇବେ ଚଳିତ ବର୍ଷର ଗଙ୍ଗାଧର ମେହେର ସମ୍ମାନ

ଭୁବନେଶ୍ୱର,୨୭/୮:ଗଙ୍ଗାଧର ମେହେର ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧକ୍ଷ ମିହିର ମେହେର ଅଧକ୍ଷତା କରିଥିବା ବେଳେ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା ଯେ, ଚଳିତ ବର୍ଷର ସମ୍ମାନ ଜନକ ଗଙ୍ଗାଧର ମେହେର ସମ୍ମାନ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ସାମଲଙ୍କୁ ପ୍ରଦାନ କରାଯିବ । ସେହିଭଳି ଗଙ୍ଗାଧର ମେହେର ପ୍ରତିଭା ସମ୍ମାନ ବିଶିଷ୍ଟ ସାହିତ୍ୟିକ ଭୋଜରାଜ ସ୍ୱାଇଁଙ୍କୁ ପ୍ରଦାନ କରାଯିବା ସହିତ କବିପୁତ୍ର ଭଗବାନ ମେହେର ସମ୍ମାନ ଯୁବ ସାହିତ୍ୟିକ ବ୍ରଜମୋହନ ମେହେରଙ୍କୁ ପ୍ରଦାନ କରାଯିବ । ଆସନ୍ତା ୨୮ ତାରିଖ ଶୁକ୍ରବାର ସଂନ୍ଧ୍ୟା ୬.୩୦ ମିନିଟ ସମୟରେ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ । ସେହିଭଳି ସେହି ୨୮ ତାରିଖ ସକାଳ ୮.୩୦ ମିନିଟ ସମୟରେ କଳିଙ୍ଗ ଡାକ୍ତରଖାନା ଛକରେ ଥିବା ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ ବୋଲି ଗଙ୍ଗାଧର ମେହେର ସ୍ମୃତି କମିଟିର ସମ୍ପାଦକ ତଥା ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ସୂଚନା ଦେଇଛନ୍ତି ।

### ଏକାମ୍ରରେ ଭକ୍ତି ଓ ଆଧ୍ୟାତ୍ମିକତାର ଅପୂର୍ବ ସମାଗମ

## ଶ୍ରୀଜଗନ୍ନାଥଙ୍କ ୩୨ ବେଶ ମହୋତ୍ସବ ଉଦ୍ଯାପିତ



ଭୁବନେଶ୍ୱର,୨୭/୮:ପବିତ୍ର ଏକାମ୍ର କ୍ଷେତ୍ରରେ ଶ୍ରୀଜଗନ୍ନାଥ ସଂସ୍କୃତି, ଭକ୍ତି, ସେବା ଓ ସମାଜସଚେତନତାର ଏକ ଅନନ୍ୟ ସମନ୍ୱୟର ସାକ୍ଷୀ ହୋଇଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୧୧ ଦିନିଆ ୩୨ ବେଶ ମହୋତ୍ସବ ଓ ଦିବ୍ୟାଙ୍ଗ ଦୃଷ୍ଟିବାଧିତ କଳାକାରମାନଙ୍କ ଭକ୍ତିମୟ ସାଂସ୍କୃତିକ କାର୍ଯ୍ୟକ୍ରମ ଗତ ସନ୍ଧ୍ୟାରେ ଭାବାବେଗପୂର୍ଣ୍ଣ ପରିବେଶରେ ଉଦ୍ଯାପିତ ହୋଇଯାଇଛି ।

ମହାପ୍ରଭୁ ଲିଙ୍ଗରାଜଙ୍କ ପବିତ୍ର ଭଜନ ମଣ୍ଡପଠାରେ ଅଗଷ୍ଟ ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବରେ ପ୍ରତ୍ୟହ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ୩୨ ବେଶର ଦର୍ଶନ, ଆଳତି, ଭଜନ ଓ ଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରା ସମ୍ପର୍କିତ ଆଲୋଚ଼ନା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତି ଓ ଆଧ୍ୟାତ୍ମିକତାର ଅପୂର୍ବ ଅନୁଭବ ସୃଷ୍ଟି କରିଥିଲା ।

ଏହି ମହତ୍ତ୍ୱପୂର୍ଣ୍ଣ ଆୟୋଜନକୁ ଓଡ଼ିଶା ସର୍ଭିସ୍ ସେଣ୍ଟର ଫର୍ ଦି ଦିବ୍ୟାଙ୍ଗ ପିପୁଲ୍, ପୁରୀର ସଭାପତି ତଥା ସମାଜସେବୀ ଶ୍ରୀ ଭବାନୀ ଶଙ୍କର ପାଢ଼ୀ ଆୟୋଜନ କରିଥିବା ବେଳେ ବିଶ୍ୱ ହିନ୍ଦୁ ପରିଷଦ, ଭୁବନେଶ୍ୱର ନଗରର ସଭାପତି ଶ୍ରୀ ପ୍ରଦୀପ ଚ଼ନ୍ଦ୍ର ମହାନ୍ତି ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚ଼ାର ପ୍ରସାର ସଂସ୍ଥାନ ଇଣ୍ଡିଆର ଡକ୍ଟର ନାରାୟଣ ମହାପାତ୍ରଙ୍କ ସମେତ ବହୁ ସହଯୋଗୀଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମଟି ସୁଚ଼ାରୁ ରୂପେ ସମ୍ପନ୍ନ ହୋଇଥିଲା । ଏହି କାର୍ଯ୍ୟକ୍ରମ ଅବସରରେ ରାଜ୍ୟର ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦାନ କରିଥିଲେ ।

ମହୋତ୍ସବର ବିଭିନ୍ନ ଦିବସରେ ଭୁବନେଶ୍ୱର ଏକାମ୍ରର ମାନ୍ୟବର ବିଧାୟକ ଶ୍ରୀ ବାବୁ ସିଂ, ବିଜେପି ରାଜ୍ୟ ସଭାପତି ଓ ରାଜ୍ୟର ବରିଷ୍ଠ ନେତୃବୃନ୍ଦ, ଶ୍ରୀଲିଙ୍ଗରାଜ ମନ୍ଦିରର ପୂଜ୍ୟ ବରେଣ୍ୟ ସେବାୟତବୃନ୍ଦଙ୍କ ସମେତ ବହୁ ସାଧୁ-ସନ୍ଥ, ସମାଜସେବୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ମହୋତ୍ସବର ଗୌରବ ବୃଦ୍ଧି କରିଥିଲେ ।

ଏଥିସହ ପୂଜ୍ୟ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ପୂଜ୍ୟ ମହନ୍ତ ରାମକୃଷ୍ଣ ଦାସ ମହାରାଜ, ପୂଜ୍ୟ ମହନ୍ତ କୃଷ୍ଣଗୋପାଳ ଦାସ, ପୂଜ୍ୟ ସ୍ୱାମୀ ଭାଗବତାନନ୍ଦ ସରସ୍ୱତୀ ମହାରାଜ, ମାନ୍ୟବର ମନ୍ତ୍ରୀ ଶ୍ରୀ ପୃଥିରାଜ ହରିଚ଼ନ୍ଦନ, ଶ୍ରୀ ରୁଦ୍ର ନାରାୟଣ ସାମନ୍ତ, ଡକ୍ଟର ସତ୍ୟନାରାୟଣ ଆଚ଼ାର୍ଯ୍ୟ, ଶ୍ରୀ ସନ୍ନତ କୁମାର ମିଶ୍ର, ରୋଟାରିୟାନ୍ ଶ୍ରୀ କୃଷ୍ଣ ଚ଼ନ୍ଦ୍ର ସାହୁ, ଡକ୍ଟର ଦିଲୀପ କୁମାର ପଟ୍ଟନାୟକ ଏବଂ ବିଶ୍ୱ ହିନ୍ଦୁ ପରିଷଦର ମାତୃଶକ୍ତି ସଭାପତି ଶ୍ରୀମତୀ ସସ୍ମିତା ମଙ୍ଗରାଜଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମାଗମ ହୋଇଥିଲା ।

ଭକ୍ତି ସହ ସେବା ଓ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା । ଏହି ମହୋତ୍ସବ କେବଳ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଦର୍ଶନରେ ସୀମିତ ନ ରହି ସେବା, ସଚେତନତା ଓ ସାମାଜିକ ଦାୟିତ୍ୱର ଏକ ମହତ୍ତ୍ୱପୂର୍ଣ୍ଣ ମଞ୍ଚ ଭାବେ ମଧ୍ୟ ପରିଣତ ହୋଇଥିଲା ।

କାର୍ଯ୍ୟକ୍ରମ ଅବସରରେ ଚ଼କ୍ଷୁଦାନ, ରକ୍ତଦାନ, ବୃକ୍ଷରୋପଣ ଓ ନିଶା ନିବାରଣ ଭଳି ବିଭିନ୍ନ ଜନସଚେତନତାମୂଳକ ବିଷୟ ଉପରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

ବିଶେଷକରି ଓଡ଼ିଶାର ସୁନାମଧନ୍ୟ ଦୃଷ୍ଟିବାଧିତ ଭକ୍ତ କଳାକାରମାନଙ୍କ ଭକ୍ତିପୂର୍ଣ୍ଣ ଭଜନ ପରିବେଷଣ ସମଗ୍ର ଲିଙ୍ଗରାଜ ମନ୍ଦିର ପରିସରକୁ ଏକ ଅପୂର୍ବ ଭକ୍ତିମୟ ପରିବେଶରେ ପରିଣତ କରିଥିଲା । ଦିବ୍ୟାଙ୍ଗ କଳାକାରମାନଙ୍କ ପ୍ରତିଭାକୁ ସମ୍ମାନ ଓ ମଞ୍ଚ ପ୍ରଦାନ କରିବା ଏହି ଆୟୋଜନର ଏକ ଅନନ୍ୟ ବିଶେଷତ୍ୱ ଥିଲା ।

ଏହି ଅବସରରେ ମହୋତ୍ସବର ମୁଖ୍ୟ ପରିଚ଼ାଳକ ତଥା ଓଡ଼ିଶା ସର୍ଭିସ୍ ସେଣ୍ଟର ଫର୍ ଦି ଦିବ୍ୟାଙ୍ଗ ପିପୁଲ୍ର ସଭାପତି ଶ୍ରୀ ଭବାନୀ ଶଙ୍କର ପାଢ଼ୀଙ୍କୁ ବିଶ୍ୱ ହିନ୍ଦୁ ପରିଷଦ, ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚ଼ାର ପ୍ରସାର ପରିଷଦ ଇଣ୍ଡିଆ ଓ ଅନ୍ୟାନ୍ୟ ସହଯୋଗୀଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ଶ୍ରୀ ପାଢ଼ୀ କହିଥିଲେ ଯେ, "ଶ୍ରୀଜଗନ୍ନାଥ କେବଳ ଓଡ଼ିଶାର ଆରାଧ୍ୟ ନୁହନ୍ତି; ସେ ସମଗ୍ର ବିଶ୍ୱର ମହାପ୍ରଭୁ । ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଓ ମହାନ ଜଗନ୍ନାଥ ସଂସ୍କୃତିର ମହିମାକୁ ଓଡ଼ିଶାର ପ୍ରତ୍ୟେକ ସ୍ଥାନ, ପ୍ରତ୍ୟେକ ବ୍ଲକ୍ ଓ ପର୍ଯ୍ୟଟନସ୍ଥଳୀ ସମେତ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚାଇବା ଆମର ଲକ୍ଷ୍ୟ ।"

ସେ ଆହୁରି କହିଥିଲେ ଯେ, ଜଗନ୍ନାଥ ସଂସ୍କୃତି ହେଉଛି ସମନ୍ୱୟ, ସମାନତା, ସେବା, ଭକ୍ତି ଓ ମାନବିକତାର ଏକ ମହାନ ସନ୍ଦେଶ । ଏହି ମହାନ ପରମ୍ପରାକୁ ନୂତନ ପିଢ଼ି ନିକଟରେ ପହଞ୍ଚାଇବା ସହ ଦେଶ-ବିଦେଶରେ ଏହାର ବ୍ୟାପକ ପ୍ରଚ଼ାର-ପ୍ରସାର ପାଇଁ ଆଗାମୀ ଦିନରେ ଅଧିକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯିବ ।

ଶେଷରେ ଶ୍ରୀ ଜଗନ୍ନାଥ ପରିବାର ସଂସ୍ଥାର ସଭାପତି ଶ୍ରୀ ଭଗବାନ ଦାସ ଉପସ୍ଥିତ ସମସ୍ତ ଅତିଥି, ସାଧୁ-ସନ୍ଥ, ସେବାୟତ, କଳାକାର, ସ୍ୱେଚ୍ଛାସେବୀ, ସହଯୋଗୀ ଓ ଶ୍ରଦ୍ଧାଳୁମାନଙ୍କୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରିବା ସହ ମହୋତ୍ସବର ଔପଚ଼ାରିକ ଉଦ୍ଯାପନ ଘୋଷଣା କରିଥିଲେ ।

## ଖୋର୍ଦ୍ଧା ରୋଡ୍ ଡିଭିଜନରେ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ଟ୍ରେନ୍ ଚ଼ଳାଚ଼ଳରେ ପରିବର୍ତ୍ତନ



ଭୁବନେଶ୍ୱର,୨୭/୮: ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନସ୍ଥ କେନ୍ଦୁଆପଦା–ଭଦ୍ରକ–କଟକ ସେକ୍ସନରେ ୩ୟ ଲାଇନ୍ କମିଶନିଂ ପାଇଁ କେନ୍ଦୁଆପଦା ଷ୍ଟେସନରେ ଚ଼ାଲିଥିବା ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପରିପ୍ରେକ୍ଷୀରେ, କାର୍ଯ୍ୟର ସୁରକ୍ଷିତ ଓ ସୁଗମ ସମ୍ପାଦନ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ କେତେକ ଟ୍ରେନ୍ ସେବାକୁ ସାମୟିକ ଭାବେ ନିୟନ୍ତ୍ରଣ କରାଯିବ ।

ଏହି ଅନୁଯାୟୀ, ନିମ୍ନଲିଖିତ ଟ୍ରେନ୍ ସେବାଗୁଡ଼ିକ ଉଲ୍ଲେଖିତ ତାରିଖରେ ବାତିଲ, ସର୍ଟ-ଟର୍ମିନେଟ୍ (ଆଂଶିକ ବାତିଲ), ସର୍ଟ-ଓରିଜିନେଟ୍ (ଆଂଶିକ ଆରମ୍ଭ) କରାଯିବ ।

ଟ୍ରେନ୍ ସେବା ବାତିଲ

୬୮୪୩୮ କଟକ–ଭଦ୍ରକ ମେମୁ ଟ୍ରେନ୍ ୨୯ ଓ ୩୦ ଅଗଷ୍ଟ ୨୦୨୬ ତାରିଖରେ ବାତିଲ ରହିବ ।

୬୮୪୩୭ ଭଦ୍ରକ–କଟକ ମେମୁ ଟ୍ରେନ୍ ୨୯ ଓ ୩୦ ଅଗଷ୍ଟ ୨୦୨୬ ତାରିଖରେ ବାତିଲ ରହିବ ।

ଟ୍ରେନ୍‌ର ସର୍ଟ-ଟର୍ମିନେଟ୍ (ଆଂଶିକ ବାତିଲ), ସର୍ଟ-ଓରିଜିନେଟ୍ (ଆଂଶିକ ଆରମ୍ଭ)

୬୮୪୨୪ କଟକ–ଭଦ୍ରକ ମେମୁ ଟ୍ରେନ୍ ୨୯ ଓ ୩୦ ଅଗଷ୍ଟ ୨୦୨୬ ତାରିଖରେ ଭଦ୍ରକ ପରିବର୍ତ୍ତ ଯାଜପୁର କେନ୍ଦୁଝର ରୋଡ୍ ଠାରେ ସ୍ୱଳ୍ପ-ସମାପ୍ତ ହେବ ।

୬୮୪୨୩ ଭଦ୍ରକ–କଟକ ମେମୁ ଟ୍ରେନ୍ ୨୯ ଓ ୩୦ ଅଗଷ୍ଟ ୨୦୨୬ ତରିଖରେ କଟକ ପରିବର୍ତ୍ତ ଯାଜପୁର କେନ୍ଦୁଝର ରୋଡ୍ ଠାରୁ ଯାତ୍ରା ଆରମ୍ଭ କରିବ ।

୧୮୦୩୭ ଖଡ଼ଗପୁର–ଯାଜପୁର କେନ୍ଦୁଝର ରୋଡ୍ ଏକ୍ସପ୍ରେସ୍ ଟ୍ରେନ୍ ୨୭ରୁ ୨୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଯାଜପୁର କେନ୍ଦୁଝର ରୋଡ୍ ପରିବର୍ତ୍ତ ଭଦ୍ରକ ଠାରେ ଯାତ୍ରା ସମାପ୍ତ କରିବ ।

ଈ ୧୮୦୩୮ ଯାଜପୁର କେନ୍ଦୁଝର ରୋଡ୍–ଖଡ଼ଗପୁର ଏକ୍ସପ୍ରେସ୍ ଟ୍ରେନ୍ ୨୮ରୁ ୩୦ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଯାଜପୁର କେନ୍ଦୁଝର ରୋଡ୍ ପରିବର୍ତ୍ତ ଭଦ୍ରକ ଠାରୁ ଯାତ୍ରା ଆରମ୍ଭ କରିବ ।

ଈ ୧୮୦୨୧ ଖଡ଼ଗପୁର–ଖୋର୍ଦ୍ଧା ରୋଡ୍ ଏକ୍ସପ୍ରେସ ଟ୍ରେନ୍ ୨୭ରୁ ୩୦ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡ୍ ପରିବର୍ତ୍ତ ଭଦ୍ରକ ଠାରେ ଯାତ୍ରା ସମାପ୍ତ କରିବ ।

ଈ ୧୮୦୨୨ ଖୋର୍ଦ୍ଧା ରୋଡ୍–ଖଡ଼ଗପୁର ଏକ୍ସପ୍ରେସ୍ ଟ୍ରେନ୍ ୨୭ରୁ ୩୦ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡ୍ ପରିବର୍ତ୍ତ ଭଦ୍ରକ ଠାରୁ ଯାତ୍ରା ଆରମ୍ଭ କରିବ ।

ଯାତ୍ରୀମାନଙ୍କୁ ଟ୍ରେନ୍ ଚ଼ଳାଚ଼ଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚ଼ନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍' (ଘଞ୍ଚରଝ) କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ ।

# ଶିକ୍ଷକ କର୍ମଚାରୀଙ୍କର ଦାବିକୁ ଅବିଳମ୍ବେ ମାନିନେଇ ସରକାର ଦୀର୍ଘଦିନରୁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରନ୍ତୁ : ସମନ୍ୱୟ ସମିତି



ଭୁବନେଶ୍ୱର, ୨୭/୮ : ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସ୍ଥିତ ଲୋୟର୍ ପି.ଏମ୍.ଜି. ଛକର ଗାନ୍ଧିମାର୍ଗରେ ଚାଲିଥିବା ଅହୋରାତ୍ର ଗଣଧାରଣା ଏଗାର ଦିନରେ ପହଞ୍ଚିଛି । ଶହ ଶହ ଶିକ୍ଷକ, ଅଧ୍ୟାପକ, ଶିକ୍ଷାକର୍ମଚାରୀ ରାଜଧାନୀର ରାଜରାସ୍ତାରେ ପ୍ରଚଣ୍ଡ ଖରା ଓ ବର୍ଷାକୁ ଖାତିର ନକରି ମୁକ୍ତାକାଶ ତଳେ ଦିନରାତି ବିତାଉଛନ୍ତି । ବିନା ଦରମାରେ ୩୦ ବର୍ଷଧରି କାର୍ଯ୍ୟକରି ଅକଥନୀୟ ଅନ୍ୟାୟ ଅବିଚାରର ଶିକାର ହୋଇଥିବା ଅନୁଦାନ ଯୋଗ୍ୟ ବିଦ୍ୟାଳୟର ଶିକ୍ଷକ କର୍ମଚାରୀମାନଙ୍କୁ ଅନୁଦାନ ସହିତ ଅବସର ନେଇଥିବା ଓ ନେବାକୁଥିବା ଶିକ୍ଷକ କର୍ମଚାରୀମାନଙ୍କୁ ପେନସନ୍ ପ୍ରଦାନ କରି ରାଜ୍ୟସରକାର ସେମାନଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତିରେ କହିଛନ୍ତି ।

ସୂଚନାଥାଉକି, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ ସେମାନଙ୍କ ନ୍ୟାୟୋଚିତ ଦାବି ହାସଲ ପାଇଁ ଦିନରାତି ଅହୋରାତ୍ର ଗଣଧାରଣାରେ ବସି ରହିଛନ୍ତି । ଧୈର୍ଯ୍ୟର ସୀମା ଅତିକ୍ରମ କରି ଚାଲିଛି, ହେଲେ ସରକାରଙ୍କ ପକ୍ଷରୁ କୌଣସି ଠୋସ୍ ନିଷ୍ପତ୍ତି ଗ୍ରହଣ କରାଯାଉ ନାହିଁ । ଉଚ୍ଚସ୍ତରୀୟ କମିଟି ତାଙ୍କର ରିପୋର୍ଟ ସରକାରଙ୍କୁ ଦେଇସାରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେବାରେ ବିଳମ୍ବ ଘଟି ଚାଲିଛି । ଶିକ୍ଷାର ବିକାଶ ପାଇଁ ସରକାର ବାରମ୍ବାର କହୁଥିଲା ବେଳେ ଅବୈତନିକ ଭାବରେ ବିନା ଚାକିରିସର୍ତ୍ତରେ ଶିକ୍ଷକ କର୍ମଚାରୀମାନଙ୍କୁ ଖଟାଇବାକୁ ଚାହୁଁଛନ୍ତି ବୋଲି ସମନ୍ୱୟ ସମିତି ପକ୍ଷରୁ ଅଭିଯୋଗ କରାଯାଇଛି । ଶିକ୍ଷକ କର୍ମଚାରୀମାନଙ୍କର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା, ୨୦୦୪ ମସିହାଠାରୁ ଅଦ୍ୟାବଧି ଅବସର ନେଇଥିବା ଏବଂ ଆଗାମୀ ଦିନରେ ଅବସର ନେବାକୁ ଥିବା ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀ ମାନଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ପ୍ରଦାନ କରିବା ଏବଂ ରାଜ୍ୟର ସମସ୍ତ ଅଣଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସମାନ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା, ସମସ୍ତ ବିଦ୍ୟାଳୟକୁ ସରକାରୀ କରିବା, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା, ନୂତନ ପେନ୍‌ସନ୍ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା ସହ ଗ୍ରେଡ଼ ପେରେ ଥିବା ଅସଙ୍ଗତି ଦୂର କରିବା, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସ୍‌ନାଲ ଇନ୍‌କ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ କରିବା ଆଦି ରହିଛି । ଦୀର୍ଘ ଦିନ ଧରି ଶିକ୍ଷକମାନଙ୍କ ଧାରାବାହିକ ଆନ୍ଦୋଳନ ଓ ସରକାରଙ୍କର ବାରମ୍ବାର ପ୍ରତାରଣା ଶିକ୍ଷକମାନଙ୍କୁ ରାଜରାସ୍ତାକୁ ଟାଣିଆଣୁଛି ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି ।

ସରକାର ତୁରନ୍ତ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନଙ୍କର ନ୍ୟାଯ୍ୟ ଦାବିକୁ ମାନି ନିଅନ୍ତୁ ଓ ଦେଇଥିବା ପ୍ରତିଶ୍ରୁତି ତଥା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ଚାକିରି ସର୍ତ୍ତାବଳୀ ସହ ପେନ୍‌ସନ୍ ଏବଂ ଅନୁଦାନ ପ୍ରଦାନ କରନ୍ତୁ । ସରକାର ତାଙ୍କର ଆଭିମୁଖ୍ୟ ନ ବଦଳାଇଲେ ଆଗାମୀ ଦିନରେ ଶିକ୍ଷକ ଆନ୍ଦୋଳନ ଗଣଆନ୍ଦୋଳନରେ ପରିଣତ ହୋଇ ଭୟଙ୍କର ସ୍ଥିତିକୁ ଯିବ । ଫଳରେ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟିହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶଙ୍କ ସମେତ ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ଡ଼. ପ୍ରଶାନ୍ତ କୁମାର ପ୍ରଧାନ, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଶଲିଳ ରାଜନନ୍ଦନ ମହାନ୍ତି, ଅଜୟ କୁମାର ପତି, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାଶ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ବନମାଳୀ ବାରିକ, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥୀ, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ସରକାରଙ୍କୁ ଦୃଢ଼ ଚେତାବନୀ ଦେଇଛନ୍ତି ।

## ହୋ' ଭାଷାକୁ ଓଡ଼ିଶାର ଦ୍ୱିତୀୟ ସରକାରୀ ଭାଷା ଭାବେ ମାନ୍ୟତା ପ୍ରଦାନ ସହିତ ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରାଯିବା ଦାବି



ବାରିପଦା, ୨୭/୮: ବୀର ବିରସା ମୁଣ୍ଡା କମିଟି, ଜାମଦା, ମୟୂରଭଞ୍ଜ' ତରଫରୁ ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କୁ ଏକ ଆବେଦନ ପତ୍ର ପ୍ରଦାନ କରାଯାଇଛି । ଏଥିରେ ହୋ' ଭାଷାକୁ ଓଡ଼ିଶାର ଦ୍ୱିତୀୟ ସରକାରୀ ଭାଷା ଭାବେ ମାନ୍ୟତା ଦେବା ସହିତ ଏହାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି କରାଯାଇଛି ।

ଆବେଦନରେ କୁହାଯାଇଛି ଯେ, ହୋ ଭାଷା ଏକ ସୁବିକଶିତ ଲିପି "ୱାରାଙ୍ଗ ଚିତି" ଥିବା ଆଷ୍ଟ୍ରୋ-ଏସିଆଟିକ୍ ମୁଣ୍ଡା ଭାଷା ପରିବାରର ଅନ୍ୟତମ । ଏହା ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ ଓ ମଧ୍ୟପ୍ରଦେଶରେ ବ୍ୟବହୃତ ହେଉଛି । ଓଡ଼ିଶାରେ ମାତ୍ର ହୋ ସମ୍ପ୍ରଦାୟର ଜନସଂଖ୍ୟା ପ୍ରାୟ ୧୩ ଲକ୍ଷ ରହିଥିବା ବେଳେ ଅନ୍ୟ ଜନଜାତି ଓ ଅଣଜନଜାତି ଲୋକଙ୍କୁ ମିଶାଇ ଏହାର ବ୍ୟବହାରକାରୀ ସଂଖ୍ୟା ୨ ଲକ୍ଷରୁ ଅଧିକ । ସାମଗ୍ରିକ ଭାବେ ଦେଶରେ ହୋ' ଭାଷା କହୁଥିବା ଲୋକଙ୍କ ସଂଖ୍ୟା ୫୦ ଲକ୍ଷରୁ ଅଧିକ ବୋଲି ଆବେଦନରେ ଉଲ୍ଲେଖ ରହିଛି ।

କମିଟି ଦାବି କରିଛି ଯେ, ଗତ ୩୦ ବର୍ଷ ଧରି ହୋ' ଭାଷାର ମାନ୍ୟତା ପାଇଁ ଚାଲି ଆସିଥିବା ଆନ୍‌ଦୋଳନକୁ ସରକାର ଉପେକ୍ଷା କରିଛନ୍ତି । ଏହା ଫଳରେ ହୋ ସମ୍ପ୍ରଦାୟ ନିଜର ଜନ୍ମଗତ ଓ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଥିବା ଅନୁଭବ କରୁଛନ୍ତି ।

ଆବେଦନରେ ଆହୁରି କୁହାଯାଇଛି ଯେ ସରକାରୀ ରେକର୍ଡରେ ହୋ ସମ୍ପ୍ରଦାୟକୁ ଭୁଲ ଭାବେ ଭିନ୍ନ ଜନଜାତି (ହୋ, ଏବଂ କୋଲହ ) ଭାବେ ବିଭାଜିତ କରାଯାଇଛି । ଏହା ଫଳରେ ସେମାନଙ୍କ ଜନସଂଖ୍ୟା ହ୍ରାସ ପାଇଛି ଓ ସେମାନେ ଗୌଣ ଜନଜାତି ଭାବେ ବିବେଚିତ ହେଉଛନ୍ତି । ବାଂଲାଦେଶ ଓ ନେପାଳରେ ମଧ୍ୟ ହୋ ସମ୍ପ୍ରଦାୟର ଲୋକ ବସବାସ କରୁଥିବା ଉଲ୍ଲେଖ ରହିଛି । ଆବେଦନକାରୀ ସଂଗଠନ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରି ଏହି ଦାବିକୁ ଅନୁକୂଳ ବିଚାର କରିବାକୁ ଅନୁରୋଧ କରିଛନ୍ତି ।

ସୂଚନା ଥାଉ କି – ଚଳିତ ମାସ ଅଗଷ୍ଟ ୧୬ ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲାର ତିରିଂଠାରୁ ସଂଗଠନର ସଭାପତି ଘନଶ୍ୟାମ ପିଙ୍ଗୁଆଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଆରମ୍ଭ ଆଜି ୨୪ ତାରିଖ ଦିନ ଭୁବେଶ୍ୱରଠାରେ ପହଞ୍ଚି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ଦୀର୍ଘ ଆଠ ଦିନ ଧରି ଚାଲିଥିବା

ଏହି ଐତିହାସିକ ପଦଯାତ୍ରା ମୟୂରଭଂଜ, କେନ୍ଦୁଝର, ଯାଜପୁର, କଟକ ଏବଂ ଖୋର୍ଦ୍ଧା ଜିଲ୍ଲା ଅତିକ୍ରମ କରି ଆଜି ଭୁବନେଶ୍ୱର ପହଞ୍ଚି ଆଜି ରାଜ୍ୟପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ପଦଯାତ୍ରାରେ ସୁକୁଲାଲ ହୋ , ଗାମାଏ ରୀମିଲ ସିଂ ଗୋଇପାଇ, ରାମେଶ୍ୱର କଣ୍ଡାଂକେଲ, ପିଣ୍ଟୁ ହେମ୍ବ୍ରମ , ସଞ୍ଜୟ ହେମ୍ବ୍ରମ , କୃଷ୍ଣଚନ୍ଦ୍ର କାରୁଆ, ଚନ୍ଦ୍ରମୋହନ ପିଙ୍ଗୁଆ, ତୂରୀରାମ ବିରୁଆ ଏବଂ ତୁରାମ ହୋ ପ୍ରମୁଖ ଏହି ପଦଯାତ୍ରାରେ ସାମିଲ ଥିଲେ ।

### ଏମଏମଡିଆର ଆମେଣ୍ଡମେଣ୍ଟ ଆକ୍ଟ ପ୍ରସଙ୍ଗ

## ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ବିଜେପି ଓଡ଼ିଶାକୁ ଲୁଟିବାରେ ଲାଗିଛି: ବିଜେଡି




ଭୁବନେଶ୍ୱର, ୨୭/୮ :ଓଡିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ବିଜେପି ଓଡିଶାକୁ ଲୁଟିବାରେ ଲାଗିଛି । ଏମଏମଡିଆର ଆମେଣ୍ଡମେଣ୍ଟ ଆକ୍ଟ ଦ୍ୱାରା ଓଡିଶାବାସୀଙ୍କ ହକ୍କୁ କେନ୍ଦ୍ର ସରକାର ଛଡାଇ ନେଇଛନ୍ତି । ଓଡିଶାବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ଖଣି ମାଲିକଙ୍କ ଏଜେଣ୍ଟ ପରି କାମ କରୁଥିବାରୁ ଡବଲ ଇଞ୍ଜିନ ସରକାରକୁ କଡା ସମାଲୋଚନା କରିଛି ବିଜୁ ଜନତା ଦଳ ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଶ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଛନ୍ତି ।

ଶ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ, ରତ୍ନଗର୍ଭା ଓଡିଶାର ଖଣିଜ ସମ୍ପଦ ଉପରେ ଡବଲ ଇଞ୍ଜିନ ସରକାରର ଲୋଲୁପ ଦୃଷ୍ଟି ପଡିଛି । ଏମଏମଡିଆର ଆମେଣ୍ଡମେଣ୍ଟ ଆକ୍ଟ ଦ୍ୱାରା କେନ୍ଦ୍ର ସରକାର ରାଜ୍ୟର ଖଣି ଗୁଡିକ ନିଜ ଅଧିନକୁ ନେଇଯାଇଛନ୍ତି । ଏହି ଆକ୍ଟ ଯୋଗୁଁ ବାର୍ଷିକ ୧୨,୦୦୦ କୋଟିର ରାଜସ୍ୱ ହରାଇବା ସହ ୧ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବକେୟା ଟିକସ ହରାଇବ ଓଡିଶା । ଏହି ଆକ୍ଟ ଦ୍ୱାରା ଓଡିଶା କ୍ଷତି ସହିବ ଜାଣି ମଧ୍ୟ ବିଜେପିର ୨୦ ଲୋକସଭା ଓ ୫ ରାଜ୍ୟସଭା ସାଂସଦ ଏହାକୁ ସମର୍ଥନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଦଳୀୟ ସ୍ୱାର୍ଥ ପାଇଁ ଓଡିଶାବାସୀଙ୍କ ସ୍ୱାର୍ଥକୁ ଭୁଲିଯାଇ ରାଜ୍ୟ ସରକାର ପାଟି ଖୋଲିଲେ ନାହିଁ । ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓଡିଶାର ହକ୍ ପାଇଁ ପୂର୍ବରୁ ଅନେକ ଆଇନଗତ ଲଢେଇ କରିଛନ୍ତି । କିନ୍ତୁ ବିଜେପି ସରକାର ତାହା କରିବା ପାଇଁ ସାହାସ ଜୁଟାଇ ପାରୁନାହିଁ । ବିଜେଡି ଶାସନ ସମୟରେ ୨୦୨୧ରୁ ୨୦୨୩ ମଧ୍ୟରେ ବକେୟା ୨୨,୦୦୦ କୋଟି ଟଙ୍କାର ଟିକସ ପାଇଁ ଖଣି ମାଲିକ ମାନଙ୍କୁ ନୋଟିସ କରାଯାଇ ୧୬,୦୦୦ କୋଟି ଟଙ୍କା ଆଦାୟ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ବିଜେପି ସରକାର ତାହା ନକରି କେବଳ କେନ୍ଦ୍ର ସରକାରଙ୍କ ନିଦ୍ଦେର୍ଶକୁ ଅନୁପାଳନ କରୁଛନ୍ତି । ପଡଶୀ ଝାଡଖଣ୍ଡ ସରକାର ୪୨,୦୦୦ କୋଟି ଟଙ୍କାର ବକେୟା ଖଣି ଟିକସ ଆଦାୟ କରିଛନ୍ତି । ଖଣି ମାଲିକଙ୍କ ପ୍ରତି ବିଜେପି ସରକାରଙ୍କ ଏତେ ପ୍ରୀତି କ'ଣ ପାଇଁ ଡବଲ ଇଞ୍ଜିନ ସରକାର ଉକ୍ତ କଳା ଆଇନ ରଦ୍ଦ ନ କଲେ ଏହା ବିରୁଦ୍ଧରେ ବିଜେଡିର ଲଢେଇ ଜାରି ରହିବ ।

ଡ ଲେନିନ ମହାନ୍ତି କହିଥିଲେ ଯେ, ରତ୍ନଗର୍ଭା ଓଡିଶାର ଖଣିଜ ସମ୍ପଦକୁ ଡବଲ ଇଞ୍ଜିନ ସରକାର ବାରମ୍ବାର ଲୁଟିବାରେ ଲାଗିଛି । ବିଜେପିର ୨୦ ଲୋକସଭା ଓ ୫ ଜଣ ରାଜ୍ୟସଭା ସାଂସଦ ଏହି ବିଲ୍ ପାରିତ ବେଳେ ପାଟି ଖୋଲିଲେ ନାହିଁ । କୌଣସି କ୍ଷେତ୍ରରେ ଶ୍ରେୟ ନେବାକୁ ହେଲେ ବିଜେପି ସରକାର ଆଗକୁ ଆସୁଥିବା ବେଳେ ଉକ୍ତ କଳା ଆଇନ ବାବଦରେ ଚୁପ ବସିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀତା ପାଇଁ ଓଡିଶାର ଅର୍ଥନୀତି ସୁଦୃଢ଼ ହୋଇଛି, କିନ୍ତୁ ବିଜେପି ତାହାକୁ ନଷ୍ଟ କରିବାରେ ଲାଗିଛି । ଏହି କଳା ଆଇନ ଯୋଗୁଁ ରାଜ୍ୟର ଏତେ ବଡ କ୍ଷତି ହେଉଥିବା ଜାଣି ମଧ୍ୟ ମୁଖ୍ୟମନ୍ତ୍ରୀ ଚୁପ ବସିଛନ୍ତି । ଏହା କ'ଣ ଓଡିଆ ଅସ୍ମିତାର ପରିଚୟ ଜୁଲାଇ ୨୦୨୪ରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟର ୯ ଜଣିଆ ଖଣ୍ଡପୀଠ ଏହା ଉପରେ ବିଚାର କରି ଖଣି ଓ ଖଣିର ଜମି ଉପରେ ରାଜ୍ୟ ମାନଙ୍କର ଅଧିକାର ରହିଛି ବୋଲି ମତପ୍ରକାଶ କରିଥିଲେ । ରାଜ୍ୟ ମାନେ ଖଣିଜ ପଦାର୍ଥ ଉପରୁ ଲେଭି ଓ ଟ୍ୟାକ୍ସ ଆଦାୟ କରିପାରିବେ । କିନ୍ତୁ କେନ୍ଦ୍ର ସରକାର ଏମଏମଡିଆର ଆମେଣ୍ଡମେଣ୍ଟ ଆକ୍ଟ ବଳରେ ରାଜ୍ୟ ହକକୁ ଛଡାଇ ନେଇଛନ୍ତି । କେନ୍ଦ୍ର ସରକାର ବିନା ଆଲୋଚନାରେ ସଂସଦରେ ଏହି ବିଲ୍କୁ ପାରିତ କରାଇଛନ୍ତି । ଖଣି କ୍ଷେତ୍ରରୁ ଆଦାୟ ହେଉଥିବା ରାଜସ୍ୱ ରାଜ୍ୟର ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । କିନ୍ତୁ ଏମଏମଡିଆର ଆମେଣ୍ଡେମେଣ୍ଟ ଆକ୍ଟ ଜରିଆରେ ଓଡିଶାର ନ୍ୟାର୍ଯ୍ୟ ପ୍ରାପ୍ୟକୁ କେନ୍ଦ୍ର ସରକାର ହଡପ କରିନେବାକୁ ବସିଛନ୍ତି । ଡବଲ ଇଞ୍ଜିନ ସରକାର ଓଡିଶାର ଶତ୍ରୁ ସାଜିଛି । ଓଡିଶାବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଖଣି ମାଲିକଙ୍କୁ ସୁହାଇଲା ଭଳି କାର୍ଯ୍ୟ କରୁଥିବା ଡବଲ ଇଞ୍ଜିନ ସରକାର ବିରୁଦ୍ଧରେ ବିଜେଡିର ଲଢ଼େଇ ଆଗକୁ ଆହୁରି ତୀବ୍ରତର ହେବ ।

# ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିୟମାନୁପାଳନ ସୁନିଶ୍ଚିତ କରିବା ପାଇଁ କଡ଼ା ନଜର ରଖିବା ନିମନ୍ତେ ରାଜସ୍ୱ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର, ୨୭/୮:: ରାଜ୍ୟରେ ଜମି ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ଦାୟିତ୍ୱସମ୍ପନ୍ନ ଏବଂ ନିୟମ ଅନୁପାଳନ ସୁନିଶ୍ଚିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଆସୁଛନ୍ତି । ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଦକ୍ଷତା ବୃଦ୍ଧି ପାଇଁ ଅନେକ ପ୍ରଯୁକ୍ତିଭିତ୍ତିକ ବ୍ୟବସ୍ଥା ମଧ୍ୟ ପ୍ରଚଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟକଳାପ ଉପରେ ନିୟମିତ ମନିଟରିଂ ତଥା କଡ଼ା ନଜର ରଖିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଛି ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଜିଲ୍ଲାପାଳମାନଙ୍କୁ ଦେଇଥିବା ବାର୍ତ୍ତାରେ ନୂଆପଡ଼ା ଜିଲ୍ଲାରେ ଜମି ପଞ୍ଜୀକରଣ ସମ୍ପର୍କିତ ଏକ ଗୁରୁତର ଜାଲିଆତି ଘଟଣା ସାମ୍ନାକୁ ଆସିଥିବା ଦର୍ଶାଇଛନ୍ତି କ୍ଷ ସୂଚନାଯୋଗ୍ୟ ଯେ, ଏହି ଘଟଣାରେ ନୂଆପଡ଼ା ଜିଲ୍ଲାର କୋମନା ତହସିଲର ତହସିଲଦାର ଭାବେ କାର୍ଯ୍ୟରତ ତଥା ସବ୍-ରେଜିଷ୍ଟ୍ରାରଙ୍କ ଦାୟିତ୍ୱ ତୁଲାଉଥିବା ଅଧିକାରୀ ସର୍ବେଶ୍ୱର ଜାଲଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି କ୍ଷ ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ଅଧିକାରୀ ସ୍ୱାର୍ଥାନ୍ୱେଷୀ ମହଲ ସହ ମିଳିତ ଭାବେ ଏକ ବୃହତ୍ ଜମିଖଣ୍ଡର ଜାଲିଆତିପୂର୍ଣ୍ଣ ପଞ୍ଜୀକରଣକୁ ସହଜ କରିଥିବା ଜଣାପଡ଼ିଛି । ଏ ସମ୍ପର୍କରେ ନୂଆପଡ଼ା ଜିଲ୍ଲାପାଳଙ୍କଠାରୁ ସୂଚନା ମିଳିବା ପରେ ସମ୍ପୃକ୍ତ ତହସିଲଦାରଙ୍କୁ ରାଜ୍ଯ ସରକାର ତୁରନ୍ତ ନିଲମ୍ବିତ କରିଛନ୍ତି । ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିଜ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ରେଜିଷ୍ଟ୍ରାରଙ୍କୁ ପଞ୍ଜୀକରଣ ସମ୍ପର୍କିତ କାର୍ଯ୍ୟକଳାପର ନିୟମିତ ମନିଟରିଂ ସୁନିଶ୍ଚିତ କରି ସ୍ପଷ୍ଟ ନଜର ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।

ଏଥିସହିତ, ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟପ୍ରଣାଳୀ ଓ କାର୍ଯ୍ୟକଳାପର ଆକସ୍ମିକ ପରିଦର୍ଶନ ତଥା ଯାଞ୍ଚ କରିବାକୁ ମଧ୍ୟ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ; ଯାହାଦ୍ୱାରା ଏଭଳି ଅନିୟମିତତାକୁ ସମୟୋପଯୋଗୀ ଭାବେ ଚିହ୍ନଟ କରି ରୋକାଯାଇପାରିବ ।

ପ୍ରଯୁକ୍ତି ବିଦ୍ୟାର ସର୍ବାଧିକ ଉପଯୋଗ ପୂର୍ବକ ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ପ୍ରମୁଖ ପ୍ରାଥମିକତା । ଏପରି ଅନିୟମିତତାକୁ କୌଣସି ପରିସ୍ଥିତିରେ ପ୍ରଶ୍ରୟ ଦିଆଯିବ ନାହିଁ ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ନିୟମର ସମୁଚିତ ଅନୁପାଳନ ସୁନିଶ୍ଚିତ କରିବା ସହ ଦୋଷୀଙ୍କ ବିରୋଧରେ ଯଥାବିଧି ପଦକ୍ଷେପ ନିଆଯିବ ।




Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati    Executive Editor : Satyajit Mohapatra    Managing Editor : Jitendra Ku. Pati